ଧରିତ୍ରୀ
DHARITRI
ରାୟଗଡା, ବୁଧବାର, ୮ ଜାନୁୟାରୀ, ୨୦୨୦



## ସଂକ୍ଷେପରେ

### ଧର୍ମଘଟ ପାଇଁ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ନିର୍ଦ୍ଦେଶ

ନବରଙ୍ଗପୁର,୭।୧(ବି.ପ୍ର)-ବିଭିନ୍ନ ଦାବି ନେଇ ଟ୍ରେଡ ୟୁନିୟନ ପକ୍ଷରୁ ବୁଧବାର ଧର୍ମଘଟ ଡାକରା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲାପାଳ ସମସ୍ତ ସ୍କୁଲ, କଲେଜ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସମସ୍ତ ସରକାରୀ କର୍ମଚାରୀ ପୂର୍ବାହ୍ନ ୯ଟା ୩୦ ସୁଦ୍ଧା କାର୍ଯ୍ୟାଳୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ନବରଙ୍ଗପୁର,୭।୧(ବି.ପ୍ର.)-ନବରଙ୍ଗପୁର ଜିଲା ଜଜ୍ ଅଶୋକ କୁମାର ପଣ୍ଡା ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ଭଗତ କୁମାରଙ୍କୁ ଆଜୀବନ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମନାରେ ଦଣ୍ଡିତ କରିଛନ୍ତି। ଜରିମନା ଅନାଦେୟ ଏକ ମାସ ଅଧିକ କାରାଦଣ୍ଡ ଭୋଗିବେ ବୋଲି ରାୟ ଶୁଣାଇଛନ୍ତି। କୋଷାଗୁମୁଡା ବ୍ଲକ କୋଡିଙ୍ଗା ଥାନା ଅଧୀନ ରତାଖଣ୍ଡି ଗୁଡା ଗାଁର ଭଗତ କୁମ୍ଭାର ଓ ଲଛମନ କୁମ୍ଭାର ମଧରେ ଜମିଜମା ବିବାଦ ଲାଗି ରହିଥିଲା । ଲଛମନ ଜଣେ ଦିବ୍ୟାଙ୍ଗ । ସେ ୨୦୧୭ ଜୁଲାଇ ୧୯ ତାରିଖ ସନ୍ଧ୍ୟାରେ ଟ୍ରାଇ ସାଇକେଲରେ ବସିଥିଲେ। ଏହି ସମୟରେ ଭଗତ ସେଠାରେ ଥିବା ଠେଙ୍ଗାରେ ଲଛମନଙ୍କ ମୁଣ୍ଡକୁ ପ୍ରହାର କରିଥିଲା । ଘଟଣା ସ୍ଥଳରେ ଲଛମନଙ୍କ ମୃତ୍ୟୁ ଘଟିଥିଲା । ଲଛମନଙ୍କ ପୁଅ ରାଜେନ୍ଦ୍ର କୁମାର କୋଡିଙ୍ଗା ଥାନାରେ ଏତଲା ଦେଇଥିଲେ । ଏନେଇ ନଂ.୧୦୨/୧୭ରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲେ । କୋର୍ଟ କେସ ନମ୍ବର ୨୩୪/୧୭ ରୁଜୁ କରି ମାମଲାଟି ବିଚାରାଧିନ ରହିଥିଲା । ୨୬ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜିଲା ଜଜ୍ ଅଶୋକ କୁମାର ପଣ୍ଡା ଉପରୋକ୍ତ ରାୟ ଶୁଣାଇଛନ୍ତି। ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସଚିନନ୍ଦନ ସ୍ୱାଇଁ ମାମଲା ପରିଚାଳନା କରୁଥିଲେ ।

### ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୭।୧(ବି.ପ୍ର.)- ସ୍ଥାନୀୟ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ ଠାରେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧକ୍ଷତାରେ ସାଧାରଣ ତନ୍ତ୍ର ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲାର ଉତ୍ତମ ଆଶା, ଅଙ୍ଗନୱାଡ଼ି, ଶିକ୍ଷକ, କୃଷକ, କନଷ୍ଟେବଳ, ସାହସିକତା ଓ ସ୍ୱେଚ୍ଛାକୃତ ସେବା ନେଇ ସମ୍ମାନିତ କରାଯିବ । ଅପରାହ୍ନରେ ଓକିଲ ସଂଘ ଓ ଜିଲାପ୍ରଶାସନ ମଧ୍ୟରେ ଏକ ସୌହାଦ୍ୟ ପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ । ସନ୍ଧ୍ୟାରେ ଶାସ୍ତ୍ରୀ ଭବନ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ କରାଯାଉଥିଲା । ସହର ସ୍ଥିତ ମଣ୍ଡେଇ ପଡିଆ(ପୋଲିସ ପଡିଆ) ଠାରେ ଏହି କାର୍ଯ୍ୟକ୍ରମ ହେବ । ଏନେଇ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଗାଦବାକୁଡା ପକ୍ଷରୁ ରହିଥିବା ରାସ୍ତାରେ ଏଗ ଗେଟ ଲଗାଯିବାକୁ ଦିର୍ଦ୍ଦେଶ ଦିଆଯାଇଛି । ତେବେ ଷ୍ଟାଡିୟମରେ ଚୌକି, ଟେବୁଲ ଓ ଟେଣ୍ଟ ଆଦି ପୌର ସଂସ୍ଥା ପକ୍ଷରୁ ବ୍ୟବସ୍ଥା କରାଯିବାକୁ ଦାୟୀତ୍ୱ ଦିଆଯାଇଥିଲା । ବିଭିନ୍ନ ବିଦ୍ୟାଳୟ ମାନଙ୍କୁ ନେଇ ଜିଲାସ୍ତରୀୟ ପ୍ରତିଯୋଗୀତା ଗୁଡିକ ଯେମିତି ଆକର୍ଷଣୀୟ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ବୈଠକ ପରିଚାଳନା କରିଥିଲେ । ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୂତାର, ଉପଜିଲାପାଳ ଭାସ୍କର ରଇତୋ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ ଚିତ ରଂଜନ ପାଣିଗ୍ରାହୀ, ପୌର ସଂସ୍ଥା ନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲ, ଜିଲା କ୍ରୀଡା ଓ ସଂସ୍କୃତି ଅଧିକାରୀ ମହେନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ ।

# ଚାଷୀଙ୍କୁ ମିଳୁନି ଟୋକନ

ପାପଡାହାଣ୍ଡି,୭।୧(ଡି.ଏନ.ଏ)



ମଣ୍ଡିରେ ଅସନ୍ତୋଷ ଚାଷୀ ।

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ଚାଷୀଙ୍କୁ ଚଳିତ ବର୍ଷ ଟୋକନ ପ୍ରଦାନରେ ବିଳମ୍ବ ଯୋଗୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି । ଅଦିନିଆ ବର୍ଷା ସାଙ୍ଗକୁ ଶୀତର ପ୍ରକୋପରୁ ଧାନର ସୁରକ୍ଷା ନେଇ ଚିନ୍ତା ବଢିଯାଇଛି । ଦୁଇ ମାସ ବିତି ଯାଇଥିଲେ ସୁଦ୍ଧା ସେମାନଙ୍କୁ ଟୋକନ ପ୍ରଦାନରେ ପାତର ଅନ୍ତର କରାଯାଉଥିବା ଅଭିଯୋଗ କରିଛନ୍ତି। ଯାହାକୁ ନେଇ ପ୍ରତେକ ମଣ୍ଡିରେ ଉତ୍ତେଜନା ଦେଖାଦେଇଛି। ସେପଟେ ଟାର୍ଗେଟ ପୂରଣ ହୋଇଯାଇଥିବାରୁ କିଛି ମଣ୍ଡିରେ ଧାନ କିଣା ମଧ ବନ୍ଦ କରାଯାଇଥିବା ଦେଖିବାକୁ ମିଳିଛି । ଶୀଘ୍ର ଏହାର ପ୍ରତିକାର କରିବା ଲାଗି ସ୍ଥାନୀୟ ଚାଷୀ ଦାବି କରିଛନ୍ତି। ତୁମୁର୍ଲା ମଣ୍ଡିରେ ସୋମବାର ଟୋକନକୁ ନେଇ ବିବାଦ ଦେଖାଦେଇଥିବା ବେଳେ ଟାର୍ଗେଟ ନଥିବାରୁ ମାନିଗାଁ ମଣ୍ଡି ଗତ ୩ ଥର ହେଲା କରାଯାଇନାହିଁ । ଧାନ ଅମଳ ହୋଇ ଖଳାରେ ପଡି ଥିବା ବେଳେ ଏହାର ସୁରକ୍ଷା ନେଇ ଚାଷୀଙ୍କୁ ଅହୋରାତ୍ର ଉଜାଗର ରହିବାକୁ ପଡୁଛି । ଶ୍ରୀକାନ୍ତ ମିଶ୍ର, ଉପେନ୍ଦ୍ର ବିଷୋୟୀ,ତୁଳାରାମ ନାୟକ, ଦେବେନ୍ଦ୍ର ମିଶ୍ର, ସୁବାସ ସାହୁ, ରବି ହରିଜନ ପ୍ରାୟ ୨୦୦ ଚାଷୀ ଅଭିଯୋଗ କରିଛନ୍ତି ଯେ ଗତ ୨ ମାସ ହେଲା ମଇଦଳପୁର ଲ୍ୟାମ୍ପସ ଜରିଆରେ ଟୋକନ ଆବେଦନ କରିଥିଲେ । କିନ୍ତୁ ଏପର୍ଯ୍ୟନ୍ତ ସେମାନଙ୍କୁ ଟୋକନ ପ୍ରଦାନ କରାଯାଇନାହିଁ । ବାରମ୍ବାର ଲ୍ୟାମ୍ପସ ଓ ମଣ୍ଡି ଆସି ସେମାନେ ନୟାନ୍ତ ହେବା କହିଛନ୍ତି । ଚାଷୀଙ୍କ କହିବା ଅନୁଯାୟୀ ଲ୍ୟାମ୍ପସ କର୍ମଚାରୀଙ୍କୁ ଟଙ୍କା ଦେଲେ ହିଁ ଟୋକନ ଶୀଘ୍ର ଆସୁଛି । ଧାନର ସୁରକ୍ଷା ନେଇ ସେମାନେ ଅନ୍ୟ କୌଣସି କାମ କରି ପାରୁନଥିବା କହିଛନ୍ତି । ବାଧ ହୋଇ କେତେକ ଚାଷୀ ଦଲାଲଙ୍କୁ କମ ଦରରେ ବିକ୍ରି କରୁଥିବା କହିଛନ୍ତି । ଏନେଇ ସେମାନେ ସିଏସଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଶୀଘ୍ର ଏହାର ସମାଧାନ କାରାନଗଲେ ଆନ୍ଦୋଳନ ହେବ ବୋଲି ଚାଷୀ ଚେତାବନୀ ଦେଇଛନ୍ତ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋରାଣି ସାଙ୍ଗକୁ ନ ଥାଏ ଲୁଣ**
**ମିଛେ ବୋଲୁଥାଏ ତିନି ତିଅଣ ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖାଇ ହେବାରେ କାଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଏ। ତେବେ ଅଭାବୀ ବ୍ୟକ୍ତି ପକ୍ଷେ ନିଜକୁ ଏପରି ଦେଖେଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ। ବାହାରକୁ ନିଜ ବୃଥା ବଡ଼ିମା ଦେଖାଉଥିବା ବ୍ୟକ୍ତିର ଅସଲ ସ୍ୱରୂପ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୋ କାନ ମଲ୍ଲୀ କଢ଼ି**
**ତୋ କାନରେ ଥାଉ**
**ଠେଲା ପେଲା କରି ମାରିବା**
**ବରଷ ମୁଣ୍ଡ ପାଉ ।**

ସ୍ୱାମୀର ସ୍ତ୍ରୀ ପ୍ରତି ସ୍ନେହ ଓ ଶ୍ରଦ୍ଧା ଉକ୍ତି। ଘରର ଅଭାବ ଦୂର କରିବା ପାଇଁ ସ୍ତ୍ରୀର କାନ ଫୁଲ ବିକିବାକୁ ଅନିଚ୍ଛା ପ୍ରକାଶ କରୁଥିବା ସ୍ୱାମୀ ସ୍ତ୍ରୀକୁ ବୋଧ ବା ସାନ୍ତ୍ୱନା ଦେବାକୁ ଯାଇ ଯାହିତାହି ଘର ଚଳାଇ ବରଷ ପାଇଗଲେ ସମୟକ୍ରମେ ଅସୁବିଧା ଦୂର ହୋଇଯିବ କହି ସମୟ ଗଡ଼ାଇବାକୁ ପରାମର୍ଶ। ଏପରି ଅବସ୍ଥା ଅଳ୍ପ ବହୁତେ ବହୁ ଅଭାବୀ ପରିବାରରେ ଘଟୁଥିବା ସ୍ଥଳେ କଷ୍ଟରେ ଅର୍ଜିଥିବା ମୂଲ୍ୟବାନ ପଦାର୍ଥ ସହଜରେ ଛାଡ଼ିବାକୁ ଇଚ୍ଛା ନ ହେବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଭିଜିଲାନ୍ସ ଜାଲରେ ପ୍ରଧାନଶିକ୍ଷକ


ଭିଜିଲାନ୍ସ ଟିମ୍ ଚଢାଉ କରୁଛନ୍ତି ।

ନବରଙ୍ଗପୁର/ରାଇଘର, ୭।୧ (ବି.ପ୍ର/ଡି.ଏନ.ଏ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅନ୍ତର୍ଗତ ଜୋଡିଙ୍ଗା ପଞ୍ଚାୟତ ବରଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ପାଣିଗ୍ରାହୀଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଏହି ଚଢାଉ କରାଯାଇଛି। ରଞ୍ଜିତ ଶିକ୍ଷକତା କରିବା ସହ ସ୍ତ୍ରୀଙ୍କ ନାମରେ ଏକ ସାର,ବିହନ ବିକ୍ରୟ ଦୋକାନ କରିଛନ୍ତି । ଏଥିସହ ବହୁ କମ୍ପାନୀର ଏଜେନ୍ସି ନେଇ ବ୍ୟବସାୟ କରି ଆସୁଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗ ହେବା ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କର ୩ଟି ବାସଭବନ, ଦୋକାନ, ସାର ଗୋଦାମ,ବରଗାଁ ସ୍ଥିତ ବିଦ୍ୟାଳୟ ଓ ପୈତୃକ ବାସଭବନରେ ଏକକାଳୀନ ଚଢାଉ କରିଛି । ସେ ରହୁଥିବା ବାସଭବନର ମୂଲ୍ୟ ୩୭ ଲକ୍ଷ, ଦୋକାନ ଘର ୩୮ ଲକ୍ଷ ଓ ଭଡା ଦେଇଥିବା ଘରର ମୂଲ୍ୟ ୭୨ ଲକ୍ଷ ହେବ ବୋଲି ଭିଜିଲାନ୍ସ ଟିମ ଆକଳନ କରିଛି । ଏଥିସହ ୬ ଲକ୍ଷ ନଗଦ ଟଙ୍କା, ଗୋଟିଏ ବାଇକ୍ ଓ ଗୋଟିଏ ସ୍କୁଟି ଭିଜିଲାନ୍ସ ଟିମ ଠାବ କରିଛି। ଏଯାଏ ସମ୍ପୂର୍ଣ୍ଣ ଆକଳନ କରାଯାଇ ନାହିଁ । ଜୟପୁର ଭିଜିଲାନ୍ସ ଡିଏସପି ସୁରେନ୍ଦ୍ର ନାଥ ପାଣିଗ୍ରାହୀଙ୍କ ନେତୃତ୍ୱରେ କଳାହାଣ୍ଡି ଡିଏସ୍‌ପି ସତ୍ୟବାନ ମହାନନ୍ଦ, ରାୟଗଡା ଡିଏସପି ପ୍ରମିଳା ସୁନା, ଇନ୍ସପେକ୍ଟରଙ୍କ ସମେତ ୪୦ ଜଣ ଭିଜିଲାନ୍ସ ବିଭାଗ କର୍ମଚାରୀ ଚଢାଉରେ ସାମିଲ ହୋଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଚଢାଉ ଜାରି ରହିଛି।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଫେଡେରେଶନ ପ୍ରତିଷ୍ଠା ଦିବସ

ନବରଙ୍ଗପୁର,୭।୧(ବି.ପ୍ର.)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଫେଡେରେଶନ ହରିପୁର ରୋଡ କଟକ(୧)ର ୭୫ ତମ ପ୍ରତିଷ୍ଠା ଦିବସ ବ୍ଲକ ଶାଖା ପକ୍ଷରୁ ମଙ୍ଗଳବାର ନବରଙ୍ଗପୁର ବ୍ଲକରେ ପାଳିତ ହୋଇ ଯାଇଛି । ଜିଲା ସଭାପତି ବିଷ୍ଣୁ ପାଣିଗ୍ରାହୀ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଂଘ ଓ ସଙ୍ଗଠନର ବିଭିନ୍ନ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ବ୍ଲକ ସଭାପତି ବସନ୍ତ ବେନ୍ୟା, ଉପସଭାପତି ଗୌର ହରିଜନ, ସମ୍ପାଦକ ବୈଦନାଥ ଦାଶ, ଦେବେନ୍ଦ୍ର ମିଶ୍ର, ଭବାନୀ ମହାପାତ୍ର, କେଶବ ଭତରା, ଭୁବନୀ ହରିଜନ, ରବି ବେହେରା, ସୋମନାଥ ଭତରା ସମେତ ସଂଘର ଅନ୍ୟ କର୍ମକର୍ତା ଓ ସଭ୍ୟା ସଭ୍ୟ ମାନେ ଯୋଗ ଦେଇଥିଲେ ।

## କ୍ରୀଡା ଉତ୍ସବରେ ଝୋଟି, ଚିତ୍ରାଙ୍କନ ପ୍ରତିଯୋଗିତା

ନବରଙ୍ଗପୁର,୭।୧(ବି.ପ୍ର.)

ନବରଙ୍ଗପୁର ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଉଦଘାଟନ ହୋଇ ଯାଇଛି । ସ୍ଥାନୀୟ ଭଣ୍ଡାର ଘରଣୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା କରାଯାଇ ପଡିଆରେ ପହଞ୍ଚିଥିଲା । ମହାବିଦ୍ୟାଳୟର ଅଧକ୍ଷ ପ୍ରଫୁଲ୍ଲ କୁମାର ସାହୁ ଛାତ୍ରୀଛାତ୍ର ମାନେ ପାଠ ପଢିବା ସହ ଖେଳକୁଦରେ କୃତିତ୍ୱ ହାସଲ କଲେ ନିଜର ବ୍ୟକ୍ତିତ୍ୱର ବିକାଶ କରି ପାରିବେ ବୋଲି କହିଥିଲେ । ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳଅଧିକାରୀ ପବିତ୍ର ମୋହନ ପ୍ରଧାନ ଯୋଗ ଦେଇ ପ୍ରତ୍ୟେକ ଖେଳକୁ ଅଭ୍ୟାସ କରିବା ଦ୍ୱାରା ଶରୀରସୁସ୍ଥ ରହିବା ସହ ତାହା ମାଧମରେ ଆଗକୁ ବଢି ପାରିବା ବେଲି କହିଥିଲେ । ବାର୍ଷିକ କ୍ରୀଡା ଉତ୍ସବର ସଂଯୋଜକ ଅଧାପକ ସମ୍ଭୁ ପ୍ରସାଦ ହୋତା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଚଳିତ ବର୍ଷ ଝୋଟି, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ ପ୍ରତିଯୋଗୀତା କରାଯିବାକୁ ନିଷ୍ପତି ହୋଇଛି । ବିପିନ ବିହାରି ଗନ୍ତାୟତ ଓ ଅଶୋକ କୁମାର ପାତ୍ର ଖେଳ ପରିଚାଳନା କରିଛନ୍ତି ।

## ଗୁଟ୍‌ଖା ଜବତ, ୮୪୦୦ ଜରିମାନା ଆଦାୟ

ଉମରକୋଟ, ୭।୧(ଡି.ଏନ.ଏ)-


ଜବତ ହୋଇଥିବା ଗୁଟ୍‌ଖା ।

ଉମରକୋଟର ବିଭିନ୍ନ ଗୁଟୁଖା ଦୋକାନୀ ଏବଂ ଗୁଟଖା ଗୋଦାରେ ମଙ୍ଗଳବାର ଚଢାଉ କରାଯାଇଛି । ପ୍ରାୟ ୧୫ ଟିଦୋକାନ ଓ ଗୋଦାମରେ ଚଢାଉ କରାଯାଇଥିଲା। ସେଥିମଧ୍ୟରୁ ୧୨ ଟି ଦୋକାନରୁ ବିପୁଳ ପରିମାଣର ତମାଖୁ, ନିଷିଦ୍ଧ ଗୁଟଖା ଜବତ କରାଯାଇଛି। ଜବତ ଦ୍ରବ୍ୟ ର ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କାର ହେବ ବୋଲି ସୂଚନା ମିଳିଛି। ଏହା ସହ ଗୁଟଖା ବିକ୍ରି କରୁଥିବା ଦୋକାନୀଙ୍କ ଠାରୁ ୮୪୦୦ ଟଙ୍କା ଜରମାନା ଆଦାୟ କରାଯାଇଛି। ଡ୍ରଗ୍ସ ଇନ୍ସପେକ୍ଟର ମଳୟ ପ୍ରଭାସିନୀ ସାହୁ ଓ ତରୁଣ କୁମାର ସାହୁ, ଉମରକୋଟ ପୋଲିସ ସବ ଇନ୍ସପେକ୍ଟର ପର୍ଶୁରାମ ସାହୁଙ୍କ ନେତୃତ୍ୱରେ ମିଳିତ ଭାବେ ଚଢାଉ କରାଯାଇଥିଲା। ମୁଖ୍ୟତଃ ବିଦ୍ୟାଳୟ ଓ ଚିକିତ୍ସାଳୟ ନିକଟରେ ଥିବା ଦୋକାନ ଉପରେ ଚଢ଼ାଉ କରାଯାଇଥିଲା। ଆଗାମୀ ଦିନରେ ଏହି ପରି ଚଢ଼ାଉ ଜାରି ରହିବ ବୋଲି ବିଭାଗ ତରଫରୁ ସୂଚନା ମିଳିଛି।

# ଚାଷୀଙ୍କ ଆୟ ବୃଦ୍ଧି ସଂକ୍ରାନ୍ତୀୟ ପ୍ରଶିକ୍ଷଣ

ନବରଙ୍ଗପୁର,୭।୧(ବି.ପ୍ର.)


ବୈଠକରେ ଉପସ୍ଥିତ ଅଧିକାରୀମାନେ ।

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅଧିନ କୁଟିଗୁଡା ଗାଁରେ ଭୂମି ରୂପାନ୍ତ କରଣ, ବର୍ଷା ଜଳ ସଂରକ୍ଷଣ ଓ ସୂକ୍ଷ୍ମ ଜଳସେଚନ ଦ୍ୱାରା କୃଷି ଆୟ ଦ୍ୱିଗୁଣିତ କରିବା ପଦ୍ଧତି ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଭାରତୀୟ କୃଷି ସନ୍ଧାନ ପରିଷଦ ଅଧିନ ଭୁବନେଶ୍ୱରର ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ଏହା ଆୟୋଜିତ ହୋଇଛି। ଚାଷୀଙ୍କ ଆୟ ବୃଦ୍ଧି ପଇଁ ଏହା ଏକ ଅଭିନବ ଉପାୟ ବୋଲି ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନର ମୁଖ୍ୟ ବୈଜ୍ଞାନିକ ମତ ପ୍ରକାଶ କରିଛନ୍ତି । ପାରମ୍ପାରିକ ଚାଷରୁ ଲାଭ କମ ହେଉଥିଲା । ଏବେ ସମୟ ଆସିଛି ନୂତନ ଜ୍ଞାନ କୌଶଳକୁ ଆପଣେଇ ଉତ୍ପାଦନ ବୃଦ୍ଧି କରି ପାରିବ । ଭୂମି ରୂପାନ୍ତକରଣ ମାଧମରେ ଅଧିକ ଜମିକୁ ଚାଷ ଉପଯୋଗୀ କରିବା ଦ୍ୱାରା ଧାନ ସହିତ ବର୍ଷାରୁତୁ ଫଳ ଓ ପନିପରିବା ଚାଷ କରି ପ୍ରଚୁର ପରିମାଣରେ ଉତ୍ପାଦନର ଲାଭ ଉଠାଇ ହେବ । ଓଡିଶାରେ ହାରାହାରି ୧୫ଶହ ମିଲିଲିଟର ବୃଷ୍ଟିପାତ ହେଉଛି। ପୋଖରୀ ଖନନ ଦ୍ୱାରା ବର୍ଷା ଜଳ ସଂରକ୍ଷଣ କରି ପାରିବ । ଏହା ଦ୍ୱାରା ମାଛ ଛାଷ ସମେତ ବିଭିନ୍ନ ପନିପରିବା ଚାଷ ମଧ କରିବାରେ ସହାୟକ ହୋଇ ପାରିବ । ଚାଷୀର ଆର୍ଥୀକ ସ୍ଥିତି ସ୍ୱଚ୍ଛଳତା ଆସିବ ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜଳ ବିଭାଜୀକା ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ସାହୁ ଜଳ ସଂରକ୍ଷଣ ଓ ତାହାର ସଦୁପ ଯୋଗ କରି କୃଷକ ଅଧିକ ଉତ୍ପାଦନ ବଢାଇ ପାରିବ ବୋଲି କହିଥିଲେ । ମୃତ୍ତିକା ବିଜ୍ଞାନର ବୈଜ୍ଞାନିକ ଡଃ. ପାର୍ଥ ଦେବରାୟ ବିଭିନ୍ନ ପ୍ରକାର ଜୈବିକ ଖତ ପ୍ରୟୋଗ ଦ୍ୱାରାଜମିର ଜଳ ଧାରଣା କ୍ଷମତା ବୃଦ୍ଧି ପାଇବ ବୋଲି କହିଥିଲେ । ଲକ୍ଷ୍ମୀ ନାରାୟଣ ବକ୍ସି ନୂତନ ଜ୍ଞାନ କୌଶଳ ପ୍ରୟୋଗ କରି ସେଥିରୁ ଅଧିକ କୃଷିଜାତ ଦ୍ରବ୍ୟ ଉତ୍ପାଦନ ପାଇଁ କହିଥିଲେ । ଏହି କାର୍ଯ୍ୟକ୍ରମରେ ୨୫୦ ଚାଷୀ ଯୋଗ ଦେଇ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ମୃତ୍ତିକା ସଂରକ୍ଷଣ ବିଭାଗର ବିଭୁତି ବ୍ରହ୍ମା, ଦିନେଶ କୁମାର ସାହୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଓଡିଶା ସରକାରଙ୍କ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ସହାୟତାରେ କାର୍ଯ୍ୟକାରୀ ହେଉଛି ।

# ସ୍ମାର୍ଟ ଗୁରୁକୁଳ ବିଜ୍ଞାନ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ।

ନବରଙ୍ଗପୁର, ୭।୧(ବି.ପ୍ର.)

ସ୍ଥାନୀୟ ସ୍ମାର୍ଟ ଗୁରୁକୁଳ ବିଜ୍ଞାନ ମହାବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ପାଳିତ ହୋଇ ଯାଇଛି । ଜିଲାପାଳ ଅଜିତ କୁମାର ମିଶ୍ର ମୁଖ୍ୟ ଅତିଥି ଭବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏସପି ନିତିନ କୁସଲକର ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ଡଃ. ଯୁଗଳ କିଶୋର ମିଶ୍ର ଯୋଗ ଦେଇଥିଲେ। ପାଠକୁ ଅଧିକ ଗୁରୁତ୍ୱ ଦେଇ ବର୍ତ୍ତମାନ ଓ ଭବିଷ୍ୟତ ପ୍ରତି ଲକ୍ଷ୍ୟ ରଖିବାକୁ ଅତିଥିମାନେ ଆହ୍ୱାନ ହେଇଥିଲେ । ସୂୟା ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସଚିନନ୍ଦନ ଚୌଧୁରୀ, ଉପସଭାପତି ପ୍ରଭାକର ପଟ୍ଟନାୟକ, କଲଜର ପ୍ରଶାସନୀକ ଅଧିକାରୀ ବାବୁଲା ଦଣ୍ଡସେନା ମଞ୍ଚାସୀନ ଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ଆଦି ପ୍ରତିଯୋଗୀତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିଥିଲେ।ମୁଖ୍ୟ ଅତିଥିଙ୍କ ଦ୍ୱାରା ଉତ୍ତମ ଛାତ୍ର ଭାବେ ଯୁକ୍ତ ୩ର ପ୍ରବିଣ କୁମାର ପ୍ରଧାନୀ ଓ ଯୁକ୍ତ ୨ର ଛାତ୍ର ଅଭିପ୍ସା ପାଢୀ, ଟପର ଅରବିନ୍ଦ ପଟ୍ଟନାୟକ, ପ୍ରବୀଣ କୁମାର ପ୍ରଧାନୀ, ଅନୁରାଗ ମହାପାତ୍ର, ସୌରଭ ପଟ୍ଟନାୟକ ଓ କୃତି ପ୍ରତିଯୋଗୀଙ୍କୁ ସମ୍ମାନିତ କରଯାଇଥିଲା ।

■ ଆଦର୍ଶ ଗୃହସ୍ଥ ଓ ଆଜିର ସମାଜକୁ ନେଇ ଆଲୋଚନା

# ପ୍ରତ୍ୟେକ ମଣିଷ ପାଇଁ ଜ୍ଞାନ ଆବଶ୍ୟକ

ନବରଙ୍ଗପୁର,୭।୧(ବି.ପ୍ର.)


ନାରାୟଣ ପଣ୍ଡା ପ୍ରବଚନ ଦେଉଛନ୍ତି ।

ସ୍ଥାନୀୟ ନିଗମାନନ୍ଦ ଆଶ୍ରମରେ ଦାମୋଦର ବେହେରାଙ୍କ ଗୃହାସରତ ତୃତୀୟ ବାର୍ଷିକ ଉତ୍ସବ ତଥା ଆଶ୍ରମର ଶୀତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଦର୍ଶ ଗୃହସ୍ଥ ଓ ଆଜିର ସମାଜ ସମ୍ପର୍କରେ ଆଶ୍ରମର ସଭାପତି ନାରାୟଣ ପଣ୍ଡା ଆଲୋଚନା କରିଥିଲେ । ପିତା ହେଉଛନ୍ତି ବିଶ୍ୱର ସବୁ ତିର୍ଥର ଆଧାର । ମାଆ ହେଉଛନ୍ତି ସବୁ ଶକ୍ତି ଓ ଦେବା ଦେବୀଙ୍କ ଆଧାର । ମାତାପିତାଙ୍କ ସେବା କରିବା । ମାଆ ବାପା ମାନଙ୍କୁ ଯେଉଁ ମାନେ ଅବହେଳା କରିଥାନ୍ତି । ଏଭଳିକି ବୃଦ୍ଧ କାଳରେ ଅବହେଳା ପ୍ରଦର୍ଶନ କରି ଯନ୍ତ୍ରଣାର ଅନ୍ଧାରୀ ଘରକୁ ଠେଲି ଦିଅନ୍ତି । ସେମାନେ କେବେ ପିତୃ ଋଣରୁ ମୁକ୍ତି ପାଇ ପାରିବେ ନାହିଁ । ପ୍ରତ୍ୟେକ ମଣିଷ ପାଇଁ ଜ୍ଞାନ ଆବଶ୍ୟକ । ଯାହାର ଜ୍ଞାନ ରହିଛି ସେ କର୍ମ ଠିକ ଭାବେ କରିପାରେ । ଋଷି, ଗୁରୁ, ଶିକ୍ଷକମାନେ ଯେଉଁ ଜ୍ଞାନ ଦେଇଥାନ୍ତି ତାହାକୁ କେବଳ ଆମେ ପାଳନ କଲେ ହେବ ନାହିଁ ଅନ୍ୟ ମାନଙ୍କୁ ମଧ ଶିକ୍ଷା ଦେବା ଆବଶ୍ୟକ ରହିଛି । ଏହାକଲେ ଋଷି ମାନଙ୍କ ଯେଉଁ ଋଣ ରହିଛି ତାହା ପରିଶୋଧ କରାଯାଇ ପାରିବ ବୋଲି କହିଥିଲେ । ଅହିଂସା, ସତ୍ୟ ଓ ଯୋଗ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଣେଶ ଦାଶ, ଜଗଦିଶ ଚନ୍ଦ୍ର ପାତ୍ର, ଗୋପବନ୍ଧୁ ବିଷୋୟୀ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ସହକାରୀ ଜିଲାପାଳ ଚୟନୁ ଗଣ୍ଡ ଯୋଗ ଦେଇଥିଲେ ।

# ଭାଜପାର ଆନ୍ଦୋଳନ ପ୍ରତ୍ୟାହୃତ

ନବରଙ୍ଗପୁର,୭।୧(ବି.ପ୍ର.)

■ ତେନ୍ତୁଳିଖୁଣ୍ଟି ବିଡିଓଙ୍କ ବଦଳି ନେଇ ଦାବିପତ୍ର ପ୍ରଦାନ
■ ଜିଲାପାଳଙ୍କ ସହ ଆଲୋଚନା

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବିଡିଓଙ୍କ ବଦଳି ଦାବି କରି ଏକ ଦାବିପତ୍ର ଭାଜପା ପକ୍ଷରୁ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଜିଲାପାଳଙ୍କ ସହ ଆଲୋଚନା ପରେ ଭାଜପା ପକ୍ଷରୁ ଦିଆଯାଇଥିବା ଧାରଣା ପ୍ରତ୍ୟାହୃତ ହୋଇଛି। ତେନ୍ତୁଳିଖୁଣ୍ଟି ବିଡିଓଙ୍କୁ ବଦଳି କରାଯିବ ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଆନ୍ଦୋଳନ ସମୟରେ ପ୍ରତିଶ୍ରୁତି ଦେଇଥିଲେ । ଜିଲାପାଳ ମଧ ବଦଳି ପାଇଁ ସରକାରଙ୍କୁ ଦର୍ଶାଯାଇଥିବା କଥା କହିଥିଲେ । ତେବେ କାହିଁକି ବଦଳି କରାଯାଉ ନାହିଁ ବୋଲି ପ୍ରଶ୍ନ ଉଠାଇଛନ୍ତି । ତେନ୍ତୁଳିଖୁଣ୍ଟି ବ୍ଲକ ପୁଜାରିଗୁଡା ପଞ୍ଚାୟତ ଅଧିନ ଝୋଲାଗୁଡା ଓ କାଦମାଲି ଗାଁରେ ଉନ୍ନୟନ କାମ ନହେବା ପୂର୍ବରୁ ବିଲ ପାସ କରାଯିବ । ଅଭିଯୋଗ ପରେ ରାତି ଅଧିଆ କାମ କରାଇଥିଲେ । ଏନେଇ କାର୍ଯ୍ୟାଳୟରେ କାଗଜ ପତ୍ର ଯାଞ୍ଚ କରାଯିବାକୁ ଦାବୀ କରିଥିଲେ । ଯାଞ୍ଚ କରାଗଲେ ଅନେକ ତଥ୍ୟ ପଦାକୁ ଆସିବ ବୋଲି ଦାବି କରିଥିଲେ । ସେହିଭଳି ନନ୍ଦାହାଣ୍ଡି ବ୍ଲକ ପଡାଲଗୁହା ପଂଚାୟତରେ ଆବାସ ଗୃହ ପ୍ରଦନ କରାନଯିବା ନେଇ ଭାଜପା ପ୍ରଶ୍ନ ଉଠାଇଥିଲା । ଜିଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ ପରେ ପ୍ରତିନିଧି ଦଳ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ । ଜିଲାପାଳ କୌଣସି ଉଦ୍ଦେଶ୍ୟ ମୂଳକ ଭାବେ ସୋମବାର କହିନଥିବା କହିଥିଲେ । ତେବେ ବିଡିଓଙ୍କ ବଦଳି ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ଜିଲାପାଳ କହିଥିଲେ । ଜିଲାପାଳଙ୍କ ସହ ଆଲୋଚନା ପରେ ଆନ୍ଦୋଳନ ହଟିଥିଲା । ଆଲୋଚନା ସମୟରେ ଜିଲା ସଭାପତି ଜଗଦିଶ ବିଷୋୟୀ, ଗୌରୀ ଶଙ୍କର ମାଝୀ, ଜୟପୁରର ବିଧାୟକ ପ୍ରାର୍ଥୀ ଗୌତମ ସାମନ୍ତରାୟ, ବୈଦ ନାଥ ମିଶ୍ର, ସନ୍ତୋଷ ପାତ୍ର, ଜିଲା ଯୁବ ମୋର୍ଚ୍ଚା ସମ୍ପାଦକ କାହ୍ନୁ ଦାଶ, ଲାଲୁ ଶତପଥି, ମିଡିଆ ସଂଯୋଜକ ସଂଜୀବ ନନ୍ଦ, ପର୍ଶୁ ବିଷୋୟୀ, ଚନ୍ଦ୍ର ଶେଖର ଜେନା, ଗୁପ୍ତେଶ୍ୱର ପଟ୍ଟନାୟକ, ଅମୂଲ୍ୟ ମିଶ୍ର, ଚନ୍ଦନ ପଟ୍ଟନାୟକ, ବାବୁଲା ପାତ୍ର, କ୍ରଷ୍ଣ ଚନ୍ଦ୍ର ନାୟକ, ନିହାର ବିଷୋୟୀ, ଲକ୍ଷ୍ମଣ ନାୟକ, ଶ୍ରୀଚକ୍ର ଦାଶ, ଗଧାଥର ତ୍ରିପାଠୀ, ତାରା ପ୍ରସାଦ ତ୍ରିପାଠୀ, ଶ୍ୟାମ ସୁନ୍ଦର ବୈରାଗୀ ପ୍ରମୁଖ ରହିଥିଲେ ।



ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ଅଯଥା ଶକ୍ତି ବ୍ୟୟ କରିବା ମହାଦୁଃଖଦାୟକ। -ଆଇନ୍‌ଷ୍ଟାଇନ୍



## ସଂକ୍ଷେପରେ

### ମା' କଣ୍ଟା ବାଉଁଶୁଣୀଙ୍କ ପୁଷ୍ ପୁନେଇ ପରବ

ଦାମନଯୋଡ଼ି,୭।୧(ଡି.ଏନ୍.ଏ.): ଆରାଧ୍ୟାଦେବୀ ମା' କଣ୍ଟାବାଉଁଶୁଣୀଙ୍କ ପୁଷ୍ ପୁନେଇ ପରବ ମଙ୍ଗଳବାର ପାଳିତ ହୋଇଛି। ମା'ଙ୍କ ବାପାଘର ଓ ଶାଶୁଘର ଥିବା ଗାଁ ସିନ୍ଧିପାର ସମେତ କଣ୍ଟାଗୁଡ଼ା, ଗାଦିପାବଲି ଓ ଡୁମୁରିଗୁଡ଼ାର ଗ୍ରାମବାସୀ ସକାଳୁ ମା'ଙ୍କ ପୀଠ ସଫେଇ କରିଥିଲେ। ମଧ୍ୟାହ୍ନରେ ମା'ଙ୍କ ପିତୁଳା, ଅସ୍ତ୍ର ଖକୋଟି ଓ ଗୋଠଖଣ୍ଡିଙ୍କୁ ପଦାକୁ ଅଣାଯାଇଥିଲା। ମା'ଙ୍କୁ ସ୍ୱତନ୍ତ୍ର ପୋଖରୀରେ ସ୍ନାନ କରାଯାଇ ନାଭିକୁଣ୍ଡ (ମା'ଙ୍କ ଜନ୍ମସ୍ଥାନ)ରେ ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ ମା'ଙ୍କ ପାଟଖଣ୍ଡାଙ୍କୁ ତାଙ୍କ ବାପାଙ୍କ ଘରୁ ଶୋଭାଯାତ୍ରାରେ ଅଣାଯିବା ପରେ ପୂଜାନୀତି ହୋଇଥିଲା। ପାରମ୍ପରିକ ବାଜା, ମହୁରି, ନାଚଗୀତରେ ମା'ଙ୍କ ପୀଠ ପ୍ରକମ୍ପିତ ହୋଇଥିଲା। ମୁଖ୍ୟ ପୁରୋଧା ରାମ ମୁଦୁଲି ପୂଜାନୀତି କରିଥିଲେ। ମା'ଙ୍କ ପୌଷପର୍ବ ପାଇଁ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା ହୋଇଥିଲା। ମା' କଣ୍ଟାବାଉଁଶୁଣୀ ସେବାୟତ ମଣ୍ଡଳୀର ସଭାପତି ସୁକାନ୍ତ ଦାସ, ସମ୍ପାଦକ କୃତ୍ତିବାସ ରାଜୁ, ସାଙ୍ଗଠନିକ ସମ୍ପାଦକ ଲୋକନାଥ କୁଲଦୀପ, ଆର୍.ଏନ୍. ମୁଦୁଲି, ଖଦାଳ ନାୟକ, ମହେନ୍ଦ୍ର ଖଟୁଆ, ଧନୁର୍ଜୟ ଦାମୀ, ସଦା ଦାମୀ, ଆର୍.ସି. ମହାନ୍ତି ଉପସ୍ଥିତ ଥିଲେ।

### ନାଲ୍‌କୋ ପ୍ରତିଷ୍ଠା ଦିବସ ଉପଲକ୍ଷେ ଶିବିର

ଦାମନଯୋଡ଼ି,୭।୧(ଡି.ଏନ୍.ଏ.): ନାଲ୍‌କୋ ଶିଳ୍ପାଞ୍ଚଳ ସେକ୍ଟର-୨ ସୁନାବେଶ ମଣ୍ଡପ ପରିସରରେ ରୋଟାରି କ୍ଲବ ଦାମନଯୋଡ଼ି ଓ ଚତୁର୍ଦ୍ଧା ମୂରତି ସୁନାବେଶ କମିଟି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ନାଲ୍‌କୋ ଇଡି ଇଂ ରବିଶଙ୍କର ଦାସ ମୁଖ୍ୟ ଓ ମହାପ୍ରବନ୍ଧକ (ଏଚ୍ ଆଣ୍ଡ ଏ) ଆର୍.ଏନ୍. ଉପାଧ୍ୟାୟ ଅତିଥି ଭାବେ ଶିବିର ଉଦ୍‌ଘାଟନ କରିଥିଲେ। ରୋଟାରୀ କ୍ଲବର ସଭାପତି ତଥା ମହାପ୍ରବନ୍ଧକ ଏସ୍‌ପିପି ଇଂ ସି.ଏଚ୍. ପ୍ରମୋଦ ପାତ୍ର ପ୍ରଥମେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରୋଟାରୀ କ୍ଲବର ଉପସଭାପତି ପଙ୍କଜ ଚୌହ୍ୱାନ, ସମ୍ପାଦକ ସତ୍ୟକାମ ନାୟକ, ରଶ୍ମିରଞ୍ଜନ ପଢ଼ିଆରୀ, ଅର୍ଜୁନ ବାସୁ, ଦେବାଶିଷ ଛୋଟରାୟ, ଚତୁର୍ଦ୍ଧା ମୂରତି ସୁନାବେଶ କମିଟିର ସନ୍ତୋଷ ମିଶ୍ର, ରତିକାନ୍ତ ପ୍ରଧାନ, ସୁଶାନ୍ତ ରାଉତ, ନିରଞ୍ଜନ ପାତ୍ର, ସୁମେନ୍ଦୁ ବାରିକ ଉପସ୍ଥିତ ଥିଲେ।

# ସ୍କୁଲରେ ରନ୍ଧାଖାଦ୍ୟ ଦେବ ଏସ୍‌ଏଚ୍‌ଜି

■ ବ୍ଲକର ୬୫, ପୌରସଂସ୍ଥାର ୨୦ ସ୍କୁଲକୁ ଯୋଗାଣ ହେବ ମଧ୍ୟାହ୍ନଭୋଜନ

ଜୟପୁର,୭।୧(ଡି.ଏନ୍.ଏ.)

ଏସ୍‌ଏଚ୍‌ଜି ପ୍ରସ୍ତୁତ କରିବେ ସ୍କୁଲ ମଧ୍ୟାହ୍ନଭୋଜନ। କୋରାପୁଟ ଜିଲା ଜୟପୁର ବ୍ଲକର ୬୫ ଓ ପୌରସଂସ୍ଥାର ୨୦ଟି ବିଦ୍ୟାଳୟରେ ସେମାନେ ମଧ୍ୟାହ୍ନଭୋଜନ ଦେବା ପାଇଁ ନିଷ୍ପତ୍ତି ହୋଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ଏନେଇ ଆବେଦନ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଜୟପୁର ବ୍ଲକ ରଣ୍ଡାପାଲୀସ୍ଥିତ କେନ୍ଦ୍ରୀୟ ରୋଷେଇ ଶାଳ ଘରୋଇ ସଂସ୍ଥା ୨୦୧୬ରୁ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରୁଥିଲା। ଏଠାରୁ ଜୟପୁର ବ୍ଲକ ସମେତ ପୌରସଂସ୍ଥା, କୋରାପୁଟ, ସୁନାବେଡ଼ା ଓ କୋଟପାଡ଼ ଏନ୍‌ଏସିରେ ଥିବା ବିଦ୍ୟାଳୟକୁ ମଧ୍ୟାହ୍ନଭୋଜନ ଯୋଗାଣ ହେଉଥିଲା। ତେବେ ବିଭିନ୍ନ ସମୟରେ ସିଝା ଅଣ୍ଡାରୁ ପୋକ, ଡାଲିରୁ ଗୋଡ଼ି ଓ ଭାତରୁ ମଳା ଝିଟିପିଟି ବାହାରିବା ପରେ ଗ୍ରାମବାସୀ ଓ ଅଭିଭାବକମାନେ କେନ୍ଦ୍ରିୟ ରୋଷେଇ ଶାଳ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ନିମ୍ନମାନର ଓ ଅପମିଶ୍ରିତ ବୋଲି ଅଭିଯୋଗ କରିଥିଲେ। ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ ଏହାକୁ ଉପସ୍ଥାପନ କରାଯାଇ ପୂର୍ବଭଳି ସ୍ଥାନୀୟ ଏସ୍‌ଏଚ୍‌ଜିକୁ ମଧ୍ୟାହ୍ନଭୋଜନ ରନ୍ଧନ ଓ ବଣ୍ଟନ ଦାୟିତ୍ୱ ଦେବାକୁ ଦାବି କରାଯାଇଥିଲା। ଜିଲା ପ୍ରଶାସନର ନିଷ୍ପତ୍ତି କ୍ରମେ ବିଜ୍ଞପ୍ତି ବାହାରିବା ପରେ ଏସ୍‌ଏଚ୍‌ଜିଗୁଡ଼ିକ ଏଥିପାଇଁ ଆବେଦନ କରିବେ। ଶହେରୁ ଅଧିକ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟ ପାଇଁ ଏସ୍‌ଏଚ୍‌ଜି ରନ୍ଧାଖାଦ୍ୟ ଯୋଗାଇବ। ମାନଦଣ୍ଡ ଓ ନିୟମାବଳୀ ଅନୁଯାୟୀ ସେମାନଙ୍କୁ ଚୟନ କରାଯିବ। ଏଥିପାଇଁ ଥିବା ଚୟନ କମିଟିରେ ବିଡିଓ, ବ୍ଲକ ଶିକ୍ଷାଧିକାରୀ, ସିଡିପିଓ ଓ ମିଶନ ଶକ୍ତିର କୋର୍ଡିନେଟର ଚୟନକର୍ତ୍ତା ଭାବେ ରହିବେ ବୋଲି ସିଡିପିଓ ପ୍ରତିମାରାଣୀ ତ୍ରିପାଠୀ କହିଛନ୍ତି। ଆବେଦନର ଅନ୍ତିମ ଦିବସ ମଙ୍ଗଳବାର ଥିବାବେଳେ ଆସନ୍ତା ସପ୍ତାହରେ ଚୟନ କରାଯିବ। ଉଲ୍ଲେଖଯୋଗ୍ୟ, ଜୟପୁର ବ୍ଲକରେ ୧୭୨ ଓ ପୌରାଞ୍ଚଳର ୪୫ଟି ବିଦ୍ୟାଳୟରେ କେନ୍ଦ୍ରିୟ ରୋଷେଇ ଶାଳରୁ ପ୍ରସ୍ତୁତ ମଧ୍ୟାହ୍ନଭୋଜନ ଯୋଗାଇ ଦିଆଯାଉଛି। ୧୬ଟି ଅପହଞ୍ଚ ଓ ଗମନାଗମନ ସୁବିଧା ନ ଥିବା ବିଦ୍ୟାଳୟରେ ସ୍ଥାନୀୟ ଏସ୍‌ଏଚ୍‌ଜି ଦ୍ୱାରା ଖାଦ୍ୟ ଦିଆଯାଉଛି।

# ଭାଜପାର ଜନଜାଗରଣ ସମାବେଶ



ସମାବେଶରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ।

ଜୟପୁର,୭।୧(ନି.ପ୍ର./ଡି.ଏନ୍.ଏ.)

ଜୟପୁର କଲ୍ୟାଣ ମଣ୍ଡପରେ ସିଏଏ ସପକ୍ଷରେ ଭାଜପାର ଜନଜାଗରଣ ସମାବେଶ ଅନୁଷ୍ଠିତ ହୋଇଛି। ଭାଜପା ଜିଲା ସଭାପତି ସୁମନ୍ତ ପ୍ରଧାନ, ପୂର୍ବତନ ଏମ୍‌ପି ବଳଭଦ୍ର ମାଝୀ, ନିକୁଞ୍ଜ ପଟ୍ଟନାୟକ, ବିଜୟ ମିଶ୍ର, ଜୟରାମ ଗରଡ଼ା, ଜୋନାଲ ମିଡିଆ ଆବାହକ ଦେବେନ୍ଦ୍ର ବାହିନୀପତି, ଗୌତମ ସାମନ୍ତରାୟ ମଞ୍ଚାସୀନ ଥିଲେ। ବିରୋଧୀମାନେ ସିଏଏ ବିପକ୍ଷରେ ଯେପରି ପ୍ରଚାର କରୁଛନ୍ତି, ସେଥିରେ ରୋକ ଲଗାଇବା ସହ ରାଜ୍ୟବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛି ଭାଜପା। ସିଏଏକୁ ନେଇ କେହି ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ଏଥିରେ ଲୋକଙ୍କୁ ସଚେତନ କରାଯାଇଛି। ରାଜ୍ୟର ଜୟପୁର ସହ ୫ଟି ସ୍ଥାନରେ ସଚେତନତା ଶୋଭାଯାତ୍ରା କରାଯାଇ ସିଏଏ ସପକ୍ଷରେ ସଚେତନ କରାଯାଉଛି।

# କୋଟପାଡ଼ ପଞ୍ଚାୟତ ସମିତି ବୈଠକ



ପଞ୍ଚାୟତ ସମିତି ବୈଠକରେ ମନ୍ତ୍ରୀ ପଦ୍ମିନୀ ଦିଆନ, ନବରଙ୍ଗପୁର ଏମ୍‌ପି ରମେଶ ମାଝିଙ୍କ ସହ ଅନ୍ୟମାନେ।

କୋଟପାଡ଼,୭।୧(ଡି.ଏନ୍.ଏ.)

କୋରାପୁଟ ଜିଲା କୋଟପାଡ଼ ପଞ୍ଚାୟତ ସମିତି ବୈଠକ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଧାୟିକା ତଥା ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଅତିଥି ଭାବେ ଯୋଗ ଦେଇଥିଲେ। ୧୭ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ। ପଞ୍ଚାୟତ ଓ ଗ୍ରାମାଞ୍ଚଳରେ ଲୋକଙ୍କ ସମସ୍ୟା, ବିକାଶକୁ ନେଇ ଏଥିରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ପଞ୍ଚାୟତରେ ବିଦ୍ୟୁତିକରଣ, ଉଠା ଜଳସେଚନ, ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ, ଗୋସମ୍ପଦକୁ ନେଇ ହିତାଧିକାରୀମାନେ କିଭଳି ଲାଭ ଉଠାଇବେ, ତାହା ଲୋକ ପ୍ରତିନିଧିଙ୍କ ଜରିଆରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇବା ନେଇ ମଧ ଆଲୋଚନା ହୋଇଥିଲା। ଲୋକ ପ୍ରତିନିଧିମାନେ ନିଜ ନିଜ ପଞ୍ଚାୟତର ଗ୍ରାମାଞ୍ଚଳର ବିଭିନ୍ନ ସମସ୍ୟା ସଭାରେ ଉଠାଇଥିବା ବେଳେ ମନ୍ତ୍ରୀ ଓ ଏମ୍‌ପି ତାହାର ତୁରନ୍ତ ସମାଧାନ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଡିଓ ଅଂଶୁମାନ ମହାପାତ୍ର, ଜିପିଓ କୈଳାସ ଚନ୍ଦ୍ର ରଥ, ବ୍ଲକ ଅଧ୍ୟକ୍ଷ ବୈଦ୍ୟନାଥ ପୂଜାରୀ, ଉପାଧ୍ୟକ୍ଷା ରୁକ୍ମଣି ବିଶୋୟୀ, ଜିଲା ପରିଷଦ ଜୋନ୍-୧ର ସଭ୍ୟା ସସ୍ମିତା ଭଣ୍ଡାରୀ, ଜୋନ୍- ସଭ୍ୟ ଦୁରପତା ଭତରା, ସହକାରୀ ଯନ୍ତ୍ରୀ ସତ୍ୟନାରାୟଣ ସେଠୀ ଉପସ୍ଥିତ ଥିଲେ।

## ୧୨ରେ ଅର୍ବାନ ବ୍ୟାଙ୍କ ପ୍ଲାଟିନମ ଜୁବିଲି

ଜୟପୁର,୭।୧(ନି.ପ୍ର.): ୭୫ ବର୍ଷରେ ପହଞ୍ଚିଛି ଜୟପୁର କୋ-ଅପରେଟିଭ ଅର୍ବାନ ବ୍ୟାଙ୍କ। ଆସନ୍ତା ୧୨ରେ ପ୍ଲାଟିନମ ଜୁବିଲି ପାଳନ କରିବା ପାଇଁ ବ୍ୟାଙ୍କ ପ୍ରସ୍ତୁତ ହେଉଥିବା ମଙ୍ଗଳବାର ବ୍ୟାଙ୍କ ସଭାପତି ଦେବେନ୍ଦ୍ର ବାହିନିପତି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ସ୍ୱାଧୀନତା ପୂର୍ବରୁ ୧୯୪୩ରେ ଏହି ବ୍ୟାଙ୍କ ଆରମ୍ଭ ହୋଇଥିଲା। ସେହିଦିନଠାରୁ ବ୍ୟାଙ୍କ ହଜାର ହଜାର ଗ୍ରାହକଙ୍କୁ ସ୍ୱାବଲମ୍ବୀ କରିପାରିଛି । ଏବେମଧ ଜୟପୁରରେ ୨୭ରୁ ଅଧିକ ଜାତୀୟକରଣ ଓ ଘରୋଇ ବ୍ୟାଙ୍କ ଖୋଲିବା ସତ୍ତ୍ୱେ ଉକ୍ତ ବ୍ୟାଙ୍କ ମୁଣ୍ଡ ଟେକି ଠିଆ ହୋଇଛି। ଦୀର୍ଘ ୭୫ ବର୍ଷ ହେବ ଅନବରତ ସାଧାରଣ ଲୋକ, ସ୍ଥାନୀୟ ବ୍ୟବସାୟୀଙ୍କୁ ଆର୍ଥିକ ଋଣ ଦେଇ ସହଯୋଗ କରିଆସିଛି। ବ୍ୟାଙ୍କରେ ଜମାଠାରୁ ଆରମ୍ଭ କରି କର୍ମଚାରୀଙ୍କ ସୁରକ୍ଷା ପାଇଁ ମଧ ପଦକ୍ଷେପ ନେଇଛି । ଏହି ଖବରଦାଦା ସମ୍ମିଳନୀରେ ବ୍ୟାଙ୍କ ସମ୍ପାଦକ ବସନ୍ତି ପ୍ରଧାନ, ମୀନକେତନ ପରିଚ୍ଛା, ନରସିଂହ ଚୌଧୁରୀ ଉପସ୍ଥିତ ଥିଲେ।

# ଆଠ ମାସ ପରେ ନିଜ ପ୍ରତିନିଧି ନିଯୁକ୍ତ କଲେ ଏମ୍‌ପି

ପଟ୍ଟାଙ୍ଗି,୭।୧(ଡି.ଏନ୍.ଏ.)

ସାଧାରଣ ନିର୍ବାଚନର ଦୀର୍ଘ ଆଠ ମାସ ପରେ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା ନିଜ ପ୍ରତିନିଧି ନିଯୁକ୍ତି ଦେଇଛନ୍ତି। ଏହାକୁ ନେଇ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। କୋରାପୁଟ ଜିଲାର ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀ ଅଧୀନରେ ଯାଉଥିବା ନନ୍ଦପୁର, ସେମିଳିଗୁଡ଼ା ଓ ପଟ୍ଟାଙ୍ଗି ବ୍ଲକ ମଧ୍ୟରୁ ନନ୍ଦପୁର ବ୍ଲକ ପାଇଁ ଗୋପାଳ ମାଟାମଙ୍କୁ ନିଜ ପ୍ରତିନିଧି ଭାବେ ନିଯୁକ୍ତି ଦେଇଛନ୍ତି ଏମ୍‌ପି ଉଲ୍ଲାକା। ସେହିପରି ପଟ୍ଟାଙ୍ଗି ବ୍ଲକ ପାଇଁ ଅର୍ଜୁନ ବାଙ୍କାଙ୍କୁ ନିଯୁକ୍ତି ଦେଇଥିବା ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ତେବେ ସେମିଳିଗୁଡ଼ା ବ୍ଲକ ପାଇଁ ସେ



ଅର୍ଜୁନ ବାଙ୍କା।

କାହାରିକୁ ନିଜ ପ୍ରତିନିଧି ଭାବେ ନିଯୁକ୍ତି ଦେଇନାହାନ୍ତି। ସେହିପରି ଜିଲା ସଦର ମହକୁମାରେ ବିଭିନ୍ନ ସମୟରେ ହେଉଥିବା ବିଭିନ୍ନ ସରକାରୀ ବୈଠକରେ ଉପସ୍ଥିତ ରହିବା ପାଇଁ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି।

# ବିପର୍ଯ୍ୟୟ ପ୍ରଶମନ କୌଶଳ ଶିଖାଇଲେ ଓଡ୍ରାଫ ଟିମ୍



ମକ୍‌ଡ୍ରିଲ୍ ପ୍ରଦର୍ଶନ କରାଯାଉଛି।

ରାୟଗଡ଼(ଗଜପତି), ୭।୧ (ଡି.ଏନ୍.ଏ.)

ଗଜପତି ଜିଲା ରାୟଗଡ଼ ବ୍ଲକ ସଦରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଛତ୍ରପୁରସ୍ଥିତ ଓଏସ୍‌ଏପି ଅଷ୍ଟମ ବାଟାଲିୟନର ଓଡ୍ରାଫ ଟିମ୍ ହାବିଲଦାର ମେଜର ମୋହନ କୁମାର ରାଉତଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ଦଳ ସ୍କୁଲରେ ବନ୍ୟା, ବାତ୍ୟା, ବଜ୍ରପାତ ସମୟରେ କ'ଣ ସବୁପଦକ୍ଷେପ ନେବାକୁ ହେବ ସେ ନେଇ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଏଥିସହ କୂଅରେ ଫଶି ଯାଇଥିବା ଲୋକଙ୍କୁ ଉଦ୍ଧାର, ଉଚ୍ଚ କୋଠରୀରେ ନିଆଁ ଲାଗିଥିବାବେଳେ ସେଥିରୁ ବାହାର କରିବା କୌଶଳ ଓଡ୍ରାଫ ଟିମ୍ ପଦର୍ଶନ କରିଥିଲା। ସାପ କାମୁଡ଼ାର ପ୍ରାଥମିକ ଚିକିତ୍ସା, ରକ୍ତସ୍ରାବ ରୋକିବା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଏସ୍. ମଣିମାଳାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଜି ବନ୍ଦ ରହିବ ଶିକ୍ଷାନୁଷ୍ଠାନ

ପାରଳାଖେମୁଣ୍ଡି, ୭।୧ (ସ୍ୱ.ପ୍ର.)

ଆଇ.ଏନ୍.ଟି.ୟୁ.ସି., ଏ.ଆଇ.ଟି.ୟୁ.ସି. ଭଳି ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ୮ ତାରିଖ ଭାରତ ବନ୍ଦ ପାଇଁ ଡାକରା ଦିଆଯାଇଛି। ଏଥିପାଇଁ ଗଜପତି ଜିଲାର ସମସ୍ତ ଶିକ୍ଷାନୁଷ୍ଠାନ ବୁଧବାର ବନ୍ଦ ରହିବ। ଦରଦାମ ନିୟନ୍ତ୍ରଣ, ମାସିକ ମଜୁରି ବୃଦ୍ଧି, ଶ୍ରମ ଆଇନ ସଂଶୋଧନ, ଆଶା, ଅଙ୍ଗନୱାଡ଼ି କର୍ମୀ ଓ ପାଚିକାମାନଙ୍କୁ ଶ୍ରମିକ ମାନ୍ୟତା, ୧୯୮୮ ମୋଟର ଭେଇକିଲ୍ ଆକ୍ଟ ସଂଶୋଧନ, ବ୍ୟାପକ ନିଯୁକ୍ତି ସୃଷ୍ଟି, ଠିକା ବ୍ୟବସ୍ଥା ଓ ଆଉଟସୋର୍ସିଂ ବନ୍ଦ କରିବା ଭଳି ୧୨ଦଫା ଦାବି ନେଇ ଟ୍ରେଡ୍ ୟୁନିୟନଗୁଡିକ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଛି। ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ଶିକ୍ଷାନୁଷ୍ଠାନ ବନ୍ଦ ରଖିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଗଜପତି ଜିଲାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ବୋଲି ଜଣାପଡିଛି।

# କୋରାପୁଟକୁ ବାଲ୍ୟବିବାହ ମୁକ୍ତ କରିବା ପାଇଁ ଆହ୍ୱାନ

ସେମିଳିଗୁଡ଼ା,୭।୧(ସ୍ୱ.ପ୍ର.)




ସମୀକ୍ଷା ବୈଠକରେ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ସହ ଅନ୍ୟମାନେ।

କୋରାପୁଟ ଦକ୍ଷତା ତାଲିମ କେନ୍ଦ୍ରରେ ମଙ୍ଗଳବାର ବାଲ୍ୟ ବିବାହ ରୋକିବା ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜାତି, ସମାଜ ତଥା ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚର ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବାଲ୍ୟ ବିବାହ ରୋକିବା ପାଇଁ ଜାତି ସମାଜର ଲିଖିତ ପ୍ରସ୍ତାବ (ରିଜୋଲ୍ୟୁସନ) ପ୍ରତି ଗୁରୁତ୍ୱାରୋପ କରାଯାଇଥିଲା। ଜିଲାପାଳ ଏହି ରିଜୋଲ୍ୟୁସନ ଅନୁମୋଦନ କରିବା ସହ କୋରାପୁଟକୁ ବାଲ୍ୟ ବିବାହ ମୁକ୍ତ ଜିଲାରେ ପରିଣତ କରିବାରେ ଜାତି ସମାଜର ଉଲ୍ଲେଖନୀୟ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସଭାରେ ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚର ସଦସ୍ୟା ଓ କିଶୋରୀଙ୍କୁ ବାଲ୍ୟ ବିବାହ ରୋକିବାରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିଥିଲେ ଜିଲାପାଳ। ଜିଲାର ସମସ୍ତ ସିଡିପିଓ ନିଜ ପ୍ରକଳ୍ପ ଅଞ୍ଚଳରେ ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ ଗଠନ କରି ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ମିଶ୍ର, ଏପିଡି ମହେଶ୍ୱର ନାୟକ, ଡିଏସ୍‌ଡବ୍ଲ୍ୟୁଓ ହରେକୃଷ୍ଣ ପ୍ରଧାନ, ସିଡିଭିଓ ତନଭା ଦାସ, ସିଡବ୍ଲ୍ୟୁସି ଅଧ୍ୟକ୍ଷା ଡ. ଗାୟତ୍ରୀ ଦେବୀ, ସୁରକ୍ଷା ଅଫିସର, ଡିଓଏମ୍ (ଓଏଲଏମ୍), ଡିଏନ୍‌ଏମ୍ (ଏନ୍‌ଓପି), ଡିପିସି ମମତା ତଥା ଜିଲା ସଂଯୋଜିକା ରାଜଲକ୍ଷ୍ମୀ ବେହେରା, ଜିଲାର ୧୪ଟି ବ୍ଲକର ବହୁ କିଶୋରୀ, ବାଳିକା ଉପସ୍ଥିତ ଥିଲେ।

■ 'ମିଶନ ଇନ୍ଦ୍ରଧନୁସ-୨' ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ

# ୧୮୨ ଶିଶୁ, ୩୯ ମହିଳାଙ୍କୁ ଟିକାକରଣ

ପାରଳାଖେମୁଣ୍ଡି, ୭।୧ (ସ୍ୱ.ପ୍ର.)

ଆଦିବାସୀ ବହୁଳ ଗଜପତି ଜିଲାରେ ସ୍ୱତନ୍ତ୍ର ସଶକ୍ତ ମିଶନ ଇନ୍ଦ୍ରଧନୁସର ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ କାର୍ଯ୍ୟକ୍ରମ 'ଇନ୍ଦ୍ରଧନୁସ-୨.୦' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ଗୋଷାଣୀ ବ୍ଲକ ଗୁରାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳା ଓ ଶିଶୁଙ୍କୁ ଟିକା ଦିଆଯାଇଛି। କାର୍ଯ୍ୟକ୍ରମକୁ ଡାକ୍ତର ଅନଙ୍ଗ ସୂଦନ ଭୂୟାଁ, ଏଏନ୍‌ଏମ୍ ନର୍ମଦା ବିଶ୍ୱାଳ, ସ୍ୱାସ୍ଥ୍ୟକର୍ମୀ ଏମ୍.ଖଗେଶ୍ୱର ରାଓ, ବାବୁଲା କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ। ପ୍ରକାଶ ଯେ, ଶିଶୁ, ଗର୍ଭବତୀଙ୍କୁ ବିଭିନ୍ନ ରୋଗରୁ ରକ୍ଷା କରିବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ୨ ବର୍ଷ ବୟସରୁ କମ୍ ଶିଶୁ ଓ ଗର୍ଭବତୀଙ୍କୁ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ପୂର୍ବରୁ ଯେଉଁ ଶିଶୁ ଓ ଗର୍ଭବତୀମାନେ ଏହି କାର୍ଯ୍ୟକ୍ରମରେ



ଟିକା ନେବାକୁ ଆସିଥିବା ମହିଳା ଓ ଶିଶୁ।

କୌଣସି କାରଣରୁ ଟିକା ନେଇ ନାହାନ୍ତି ସେମାନଙ୍କ ପାଇଁ ଏଥିରେ ଟିକାକରଣ ବ୍ୟବସ୍ଥା କରାଯାଇଛି। ଗଜପତି ଜିଲାରେ ଡିସେମ୍ବର ୨ରୁ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟରେ ଟିକାକରଣ କାର୍ଯ୍ୟକ୍ରମରେ ୨୪୬ଜଣ ଶିଶୁ ଓ ୭୮ଜଣ ଗର୍ଭବତୀଙ୍କ ଟିକାକରଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ୧୮୨ ଶିଶୁ ଓ ୩୯ଜଣ ଗର୍ଭବତୀଙ୍କୁ ଟିକା ଦିଆଯାଇଛି। ସମସ୍ତ ଟୀକାକରଣ କାର୍ଯ୍ୟକ୍ରମରେ ମୋଟ ୧୩୦୦ ଆଶାକର୍ମୀ ଓ ୨୩୭୫ଜଣ ଅଙ୍ଗନୱାଡି କର୍ମୀ ସାମିଲ ହୋଇଥିଲେ।

# ହାଇକୋର୍ଟ ମୁଖ୍ୟ ବିଚାରପତି ସଞ୍ଜୁ ପଣ୍ଡାଙ୍କୁ ଶୁଭେଚ୍ଛା

ପାରଳାଖେମୁଣ୍ଡି, ୭।୧ (ସ୍ୱ.ପ୍ର.)

ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ସଞ୍ଜୁ ପଣ୍ଡା ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପରେ ଗଜପତି ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଜଷ୍ଟିସ ପଣ୍ଡା ୧୯୫୯ ମସିହା ଜୁଲାଇ ମାସରେ ପାରଳାଖେମୁଣ୍ଡିରେ ଜନ୍ମ ଗ୍ରହଣ କରିଥିଲେ। ପାରଳାଖେମୁଣ୍ଡି ମାଟିର ଝିଅ ହାଇକୋର୍ଟ ମୁଖ୍ୟ ବିଚାରପତି ହେବା ଜିଲା ପାଇଁ ଗର୍ବର ବିଷୟ ବୋଲି ଜିଲା ଆଇନଜୀବୀ ସଂଘର ରାମନାଥ ମିଶ୍ର, ହୀରାଚାନ୍ଦ ପଟ୍ଟନାୟକ, ଅରୁଣକାନ୍ତ ପରିଡ଼ା, ସତ୍ୟନାରାୟଣ ଦାସ, ରଜତ କୁମାର ପାତ୍ର ପ୍ରମୁଖ କହିଛନ୍ତି।

# ଖେଳିଲେ, ନାଚିଲେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର

## ଭିନ୍ନକ୍ଷମ କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା

ରାୟଗଡ଼, (ଗଜପତି), ୭।୧(ଡି.ଏନ୍.ଏ.)

ଗଜପତି ଜିଲା ରାୟଗଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଭିନ୍ନକ୍ଷମ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏବିଇଓ ଏସ୍.ପାପା ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଇଓ ଧନେଶ୍ୱର କହଁର ମୁଖ୍ୟ ଅତିଥି, ହରିନାଥ ପାତ୍ର, ମନୋଜ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ବ୍ଲକରୁ ୯୫ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ୧୦୦ମି.ଦୌଡ଼, ଲମ୍ଫଡିଆଁ, ନୃତ୍ୟ ଓ ସଙ୍ଗୀତ ଆଦି ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପ୍ରତିଯୋଗୀଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସମ୍ବଳ ଶିକ୍ଷକ ଦାଶରଥୀ ନାୟକ ଓ ଶତ୍ରୁଘ୍ନ ପୃଷ୍ଟି ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ଜାନୁୟାରୀ ୮/୨୦୨୦ Rayagada, Wednesday, January 8/ 2020

**ସଂକ୍ଷେପରେ**

## ଜୟପୁର ସହର ପ୍ରଥମ ପର୍ଯ୍ୟାୟରେ ଲାଗିବ ୪୨ ସିସିଟିଭି କ୍ୟାମେରା



**ଜୟପୁର,୭।୧(ଡି.ଏନ୍.ଏ.):** ଅପରାଧ ନିୟନ୍ତ୍ରଣ କରିବା ପାଇଁ ଜୟପୁର ସହରକୁ ସିସିଟିଭି କ୍ୟାମେରାରେ ଛାଉଣୀ କରାଯିବ। ଜିଲା ପୋଲିସ ଏଥିପାଇଁ ପ୍ରକ୍ରିୟା ଜୋରଦାର କରିଛି। ସହରର ବିଭିନ୍ନ ରାସ୍ତାରେ ୮୬ଟି କ୍ୟାମେରା ଖଞ୍ଜାଯିବ। ପ୍ରଥମ ପର୍ଯ୍ୟାୟରେ ସହରର ମୁଖ୍ୟଛକ ଓ ପ୍ରବେଶ ଦ୍ୱାରରେ ୪୨ଟି କ୍ୟାମେରା ଲାଗିବ। ଏଥିପାଇଁ ତାର ବିଛା କାମ ଚାଲିଛି। ପ୍ରଥମ ପର୍ଯ୍ୟାୟରେ ଗାନ୍ଧୀଛକରେ ୪, ଶ୍ରମ କାର୍ଯ୍ୟାଳୟ ଛକରେ ୨, ପାରବେଡ଼ା ଟ୍ରାଫିକ ଛକ ୩, ବସଷ୍ଟାଣ୍ଡ ଟ୍ରାଫିକ ଛକ ୩, ଜଗତଜନନୀ ଛକ ୨, ୱେଲକମ ଛକରେ ୩, ରଥପଡ଼ିଆ ଛକ ୩, ତାରିଣୀଛକ ୩, ଖ୍ରୀଷ୍ଟିଆନ ସାହି ଛକ ୩, ପାରାବେଡ଼ା ଷ୍ଟାଡିୟମ ଛକ ୩, ସବଜେଲ ରୋଡ ଛକ ୩, ଇନ୍ଦିରା ଛକ ୩, ଏସ୍‌ବିଆଇ ମୁଖ୍ୟଛକରେ ୪, କାଳିଆ ପେଟ୍ରୋଲ ପମ୍ପ ଛକ ନିକଟରେ ୩ଟି କ୍ୟାମେରା ରହିଛି। ସେହିପରି ବାକି ୪୪ଟି କ୍ୟାମେରା ସହରର ବିଭିନ୍ନ ସାହି, ବସ୍ତି, ଧାର୍ମିକ ସ୍ଥଳ ନିକଟରେ ଲଗାଯିବ। ସମସ୍ତ କ୍ୟାମେରା ଥାନାରୁ ମନିଟରିଂ ହେବ। କୌଣସି ଅଘଟଣ ଘଟିଲେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବ ପୋଲିସ। ଉଲ୍ଲେଖଯୋଗ୍ୟ, ୨୦୧୬ରେ କୋରାପୁଟ ଆଞ୍ଚଳିକ ଉନ୍ନୟନ ସଂସ୍ଥା ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ସହରର ୪ରୁ ୫ଟି ଛକରେ ୧୫ଟି ବିନା ତାରର କ୍ୟାମେରା ଲଗାଯାଇଥିଲା। ବର୍ଷକ ଭିତରେ ତାହା ଖରାପ ହୋଇଯାଇଥିଲା।

## ଚାଉଳ ବୋହି ନେବାର ମାଧ୍ୟମ ପାଲଟିଛି ଘୋଡ଼ା

**ଚିତ୍ରକୋଣ୍ଡା,୭।୧(ଡି.ଏନ୍.ଏ.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଧୂଳିପୁଟ ପଞ୍ଚାୟତବାସୀ ହାଟଗୁଡା ଗ୍ରାମଠାରୁ ପ୍ରାୟ ୧୨ କିଲୋମିଟର ଆସି ଚାଉଳ ନେଉଥାନ୍ତି। ଧୂଳିପୁଟ ମାଲିଗୁଡା ଗ୍ରାମକୁ ମଧ ବୃଦ୍ଧାବୃଦ୍ଧମାନେ ୫ କିଲୋମିଟର ଆସି ଭତ୍ତା ନେଇଥାନ୍ତି। ଏଥିପାଇଁ ସେମାନଙ୍କୁ ନାଳ, ପାହାଡିଆ ରାସ୍ତା ଦେଇ ଆସିବାକୁ ପଡ଼େ। ଏହି ଅଞ୍ଚଳକୁ ଯିବାକୁ ରାସ୍ତା ଘାଟ ନ ଥିବାରୁ ଭତ୍ତା ଟଙ୍କା ଓ ରାଶନ ଚାଉଳ ନେବାକୁ ଲୋକେ ଘୋଡ଼ା ଓ ଗଧ ସାହାଯ୍ୟରେ ବୋହି ନେଉଥାନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ମାଲିଗୁଡ଼ାରୁ ଧୂଳିପୁଟ ପଞ୍ଚାୟତ ପର୍ଯ୍ୟନ୍ତ ରାସ୍ତା ତିଆରି ହୋଇଥିଲେ ମଧ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଧୂଳିପୁଟ ଗ୍ରାମରେ ଭତ୍ତା ଓ ଚାଉଳ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଟଙ୍କା ପାଇଁ ଅପରେଶନ କରୁନାହାନ୍ତି ଘରୋଇ ହସ୍ପିଟାଲ

**ମାଲକାନଗିରି/ଏମଭି-୭୯,୭।୧(ସ୍ୱ.ପ୍ର.)**

### ଚିକିତ୍ସାରେ ଅର୍ଥ ସାଜିଛି ବାଧକ

- ପ୍ରଥମେ କହିଲେ ୧/୨ ଲକ୍ଷ ଖର୍ଚ୍ଚ ହେବ
- ଘର ବନ୍ଧା ରଖି ଅର୍ଥ ଯୋଗାଡ଼ କରି ଆଣିଥିଲେ
- ଏବେ ମାଗୁଛନ୍ତି ଆଉ ୨ ଲକ୍ଷ



ଘରବନ୍ଧା ରଖି ବାପାଙ୍କ ଚିକିତ୍ସା ଲାଗି ଅର୍ଥ ଖର୍ଚ୍ଚ କଲେ। ପ୍ରଥମେ ଡାକ୍ତର ୧ଲକ୍ଷରୁ ୨ଲକ୍ଷ ପର୍ଯ୍ୟନ୍ତ ଖର୍ଚ୍ଚ ହେବ ବୋଲି କହିଲେ, ପରେ ଆଉ ୨ଲକ୍ଷ ଟଙ୍କା ଜମା କଲେ ବାପାଙ୍କ ଅପରେଶନ ହେବ ବୋଲି କହୁଛନ୍ତି। ପରିବାର ଲୋକଙ୍କ ପାଖରେ ଆଉ ଅର୍ଥ ନାହିଁ। ଏପରି ସ୍ଥଳେ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ପଡି ରହିଛନ୍ତି ଦେବେନ୍ଦ୍ର ବାଗ୍‌ଚି(୭୦)। ଏପରି ଏକ ଘଟଣା ଘଟିଛି ମାଲକାନଗିରି ଜିଲା ଏମ୍‌ଭି-୭୯ ଗ୍ରାମର ତମଲ ବାଗ୍‌ଚିଙ୍କ ପରିବାର କ୍ଷେତ୍ରରେ। ତମଲଙ୍କ ବାପାଙ୍କ ଖାଦ୍ୟ ନଳୀରେ ଛିଦ୍ର ଥିବା ଜଣାପଡିବାରୁ ପରିବାର ଲୋକେ ପ୍ରଥମେ ତାଙ୍କୁ ଜଗଦଳପୁରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ତାଙ୍କୁ ଅପରେଶନ କରାଯାଇଥିଲା । କିଛିଦିନ ପରେ ସେହି ସ୍ଥାନ ଇନଫେକ୍ସନ ହୋଇଯାଇଥିଲା। ପରିବାର ଲୋକେ ପୁଣି ଥରେ ତାଙ୍କୁ ଚିକିତ୍ସା ପାଇଁ ବିଶାଖାପାଟଣାସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ପ୍ରଥମେ ଏଥିପାଇଁ ୧/୨ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତର କହିଥିଲେ। ତମଲଙ୍କ ପରିବାର ନିଜ ଘର ବନ୍ଧା ରଖି ଏଥିପାଇଁ ଅର୍ଥ ଯୋଗାଡ଼ କରି ଆଣି ହସ୍ପିଟାଲରେ ଦାଖଲ କରିଥିଲେ। ଏବେ ଆହୁରି ୨ ଲକ୍ଷ ଟଙ୍କା ଜମା କଲେ ଅପେରଶନ ହେବ ବୋଲି ଡାକ୍ତର କହିବାରୁ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଆଉ ଅର୍ଥ ଯୋଗାଡ଼ କରିବା ଲାଗି ତମଲଙ୍କ କେଉଁଠି କିଛି ସମ୍ବଳ ନାହିଁ। ଘରୋଇ ହସ୍ପିଟାଲରେ ପଡି ରହିଛନ୍ତି ଦେବେନ୍ଦ୍ର। ଏଥିରେ ହସ୍ତକ୍ଷେପ କରିବା ପାଇଁ ତମଲ ଜିଲା ପ୍ରଶାସନ, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।



ସାଧାରଣତନ୍ତ୍ର ଦିବସ ପାଇଁ ବସିଥିବା ବୈଠକରେ ଉପସ୍ଥିତ ଅଧିକାରୀମାନେ।

■ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

## ୪ ଦଳକୁ ମିଳିବ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅନୁମତି

**ମାଲକାନଗିରି,୭।୧ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ ପ୍ରଭାତ ଫେରି, ରାମଧୂନ ସହ ଜିଲା ପରେଡ ପଡିଆରେ ପରେଡ ପ୍ରଦର୍ଶନ, ବିଭିନ୍ନ ବିଦ୍ୟାଳୟ ଓ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବା ସ୍ଥିର ହୋଇଥିଲା। ଗ୍ରାମୀଣ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ହେଲିପ୍ୟାଡ ଓ ବାରିକେଟ୍ ନିର୍ମାଣ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପଡିଆରେ ଜଳ ସିଞ୍ଚନ ଏବଂ ପାନୀୟଜଳ ଯୋଗାଣ ଲାଗି ଜନସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି। ଶାନ୍ତିଶୃଙ୍ଖଳା ଓ ଯାନବାହନ ନିୟନ୍ତ୍ରଣ ପାଇଁ ପୋଲିସ ବିଭାଗକୁ ଅବଗତ କରାଯାଇଛି। ଉକ୍ତ ଦିନ ମେଡିକାଲ ଏବଂ ଜେଲରେ ଫଳ ବଣ୍ଟନ କରାଯିବ। ପରେଡରେ ୪ଟି ଦଳକୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଅନୁମତି ମିଳିବ। ଚଳିତ ବର୍ଷ ଡିଏନ୍‌କେ ଖେଳ ପଡିଆରେ ସାଧାରଣତନ୍ତ୍ର ଦିବସ ହେବ। ଏହାକୁ ଦେଖିବା ଲାଗି ଅରଫାନ୍ ଏବଂ ଶିଶୁଗୃହ ପିଲାଙ୍କୁ ଅଣାଯିବ। ଏନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଜାନୁୟାରୀ ୨୨ରୁ ୩ଦିନ ପରେଡ ଅଭ୍ୟାସ କରାଯିବ। ଏଥିପାଇଁ ପୋଲିସ ଆର୍‌ଆଇଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତଥା ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବୀରସେନ ପ୍ରଧାନ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମାନସ ମିଶ୍ର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ବୁରୁଦାଙ୍କ ସହ ବିଭିନ୍ନ ବିଭାଗର ପଦାଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ପ୍ରଧାନଶିକ୍ଷକମାନେ ଉପସ୍ଥିତ ଥିଲେ।

# ଏକତା ବଜାୟ ରଖିବାକୁ ଆହ୍ୱାନ

**କାଳିମେଳା/ଖଇରପୁଟ, ୭।୧(ଡି.ଏନ.ଏ)**

### ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ



କାଳିମେଳାରେ ପାଳିତ ପ୍ରତିଷ୍ଠା ଦିବସରେ ଏକାଠି ହୋଇଥିବା ଶିକ୍ଷକମାନେ।

କାଳିମେଳା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପ୍ରତିଷ୍ଠା ଦିବସ ମଙ୍ଗଳବାର ବିଇଓ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏବିଇଓ ରବିନ୍ଦ୍ରନାଥ ଧର ମୁଖ୍ୟଅତିଥି ଭାବେ ଯୋଗ ଦେଇ ସଂଘୀୟ ପତାକାକୁ ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଂଯୋଜକ ଅସିତ ମିସ୍ତ୍ରି, ସଂଘ ସଭାପତି ଧ୍ରୁବ ଚରଣ ନାୟକ, ସମ୍ପାଦକ ଜୟନ୍ତ କୁମାର ସାମଲ, ଉପଦେଷ୍ଟା ଅକ୍ଷୟ କୁମାର ପଣ୍ଡା ଉପସ୍ଥିତ ଥିଲେ। ଆଗାମୀ ଦିନରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏକଜୁଟ ହୋଇ ସଂଘର ନିୟମ ପାଳନ କରିବା, କୌଣସି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅସୁବିଧା ସମୟରେ ସମସ୍ତେ ସହାୟତା ଏବଂ ଏକତା ବଜାୟ ରଖିବାକୁ ଆଲୋଚନା ହୋଇଥିଲା। ଶିକ୍ଷକଙ୍କ ସମସ୍ୟା ସଂଘ ମାଧ୍ୟମରେ ସମାଧାନ କରିବା ଲାଗି ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରାଥମିକ ଶିକ୍ଷକ ସଂଘର ଉପ ସଭାପତି ସମିର ଗୋପ, ଉପଦେଷ୍ଟା ବିଧାନ ବିଶ୍ୱାସ, ଭୋଳାନାଥ ସାହୁ, କେ ପୂର୍ଣ୍ଣ ପାତ୍ର, ଦାମୋଦର ଡୁରୁକାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଖଇରପୁଟରେ ମଧ ସଂଘର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କୁମାରପୁଟ ପ୍ରାଥମିକ ବିଦ୍ୟାଳୟ ପରିସରରେ ହୋଇଥିବା ଏହି ଉତ୍ସବରେ ସଂଘ ସଭାପତି ପଙ୍କଜ ମହାନ୍ତି ସଙ୍ଘୀୟ ପତାକା ଉତ୍ତୋଳନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଜଗବନ୍ଧୁ ସମରଥ,ସୁରେନ୍ଦ୍ର ନାୟକ ଅତିଥି ରୂପେ ଯୋଗଦେଇ ମାର୍ଗଦର୍ଶନ କରାଇଥିଲେ। ଏକତା ହିଁ ବଳ। ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

## ଆଶ୍ରମ ବିଦ୍ୟାଳୟ ପରିସରରେ ମାଟ୍ରନଙ୍କୁ ଆକ୍ରମଣ

**କାଳିମେଳା,୭।୧(ଡି.ଏନ.ଏ.)**



ମାଲକାନଗିରି ଜିଲା କାଳିମେଳା ସଦରସ୍ଥିତ ଆଶ୍ରମ ବିଦ୍ୟାଳୟରେ ସୋମବାର ସନ୍ଧ୍ୟା ୬ଟାରେ ଆଶ୍ରମ ବିଦ୍ୟାଳୟର ଶିକ୍ଷୟିତ୍ରୀ ପଦ୍ମିନୀ ବେହେରା ଏବଂ ମାଟ୍ରନ ନିରୁପମା ପରିଡାଙ୍କ ମଧ୍ୟରେ କୌଣସି କଥାକୁ ନେଇ ଛାତ୍ରୀନିବାସ ପରିସରରେ କଥା କଟାକଟି ହୋଇଥିଲା। ମାଟ୍ରନଙ୍କୁ ଶିକ୍ଷୟିତ୍ରୀ ଜଣକ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏନେଇ ମାଟ୍ରନ କାଳିମେଳା ଥାନାରେ ଅଭିଯୋଗ କରିଛନ୍ତି। ଖବର ନେବାରୁ ଜଣାପଡିଛି ବିଦ୍ୟାଳୟ ଛୁଟି ପରେ ଶିକ୍ଷୟିତ୍ରୀ ଘରକୁ ଚାଲିଯାଇଥିଲେ । ପୁର୍ନବାର ସେ ସନ୍ଧ୍ୟା ୬ଟାରେ ବିଦ୍ୟାଳୟକୁ ଆସିଥିଲେ । ବିଦ୍ୟାଳୟରେ ଛାତ୍ରୀ ନିବାସ ଥିବାରୁ ବିଦ୍ୟାଳୟର ପ୍ରବେଶ ଦ୍ୱାରରେ ପ୍ରବେଶ ପାଇଁ ଗେଟ୍ ପାସ ଖାତାରେ ସ୍ୱାକ୍ଷର କରି ପ୍ରବେଶ କରିବା ନିୟମ ରହିଛି। ଶିକ୍ଷୟିତ୍ରୀ ବେହେରା ସ୍ୱାକ୍ଷର ନ କରି ବିଦ୍ୟାଳୟ ଭିତରକୁ ପଶିଥିଲେ। ପରେ ଛାତ୍ରୀନିବାସରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶିକ୍ଷୟିତ୍ରୀ ଜଣକ ମାଟ୍ରନଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରି ମାଡ ମାରିଥିଲେ । ପରେ ଶିକ୍ଷୟିତ୍ରୀ ବେହେରା ବିଦ୍ୟାଳୟରୁ ଯାଇ ଘରୁ ତାଙ୍କ ସ୍ୱାମୀଙ୍କୁ ଡାକି ଆଣି ଛାତ୍ରୀ ନିବାସରେ ପଶି ଚିତ୍କାର କରିବା ସହ କାର୍ଯ୍ୟରତ ମାଟ୍ରନଙ୍କୁ ଆକ୍ରମଣ କରିଥିଲେ । ଘଟଣା ସମୟରେ ପ୍ରଧାନଶିକ୍ଷକ ରମାକାନ୍ତ ବେହେରା ବିଦ୍ୟାଳୟ ପରିସରରେ ଉପସ୍ଥିତ ଥିଲେ। ତାଙ୍କୁ ବେଖାତିର କରି ଉଭୟେ ଅଧିକାଂଶ ଦିନ ବିଦ୍ୟାଳୟ ଭିତରକୁ ଆସନ୍ତି। ଛାତ୍ରୀ ନିବାସରୁ ଚାଉଳ ଡାଲି ଓ ଅନ୍ୟାନ୍ୟ ସାମଗ୍ରୀ ଶିକ୍ଷୟିତ୍ରୀ ନିଜ ଘରକୁ ନେଉଥିଲେ। ଏହାକୁ ବିରୋଧ କରିବାରୁ ମାଟ୍ରନଙ୍କୁ ଏପରି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିଛି ବୋଲି କୁହାଯାଉଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ରମାକାନ୍ତ ବେହେରାଙ୍କୁ ପଚାରିବାରୁ ସେ କହିଲେ ଘଟଣାକୁ ସ୍ୱୀକାର କରିଥିଲେ। ଉଭୟପକ୍ଷ ଥାନାକୁ ଯାଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି ବୋଲି ବେହେରା କହିଛନ୍ତି। କେଶ ନଂ. ୪/୨୦।

# ଗୁଣାତ୍ମକ ଶିକ୍ଷାର ବିକାଶ ପ୍ରତି ଗୁରୁତ୍ୱ

**ମାଲକାନଗିରି,୭।୧(ଡି.ଏନ୍.ଏ)**

### ପ୍ରଧାନ ଶିକ୍ଷକ ସମ୍ମିଳନୀ

ମାଲକାନଗିରି ଜିଲାରେ ଥିବା ସମସ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକମାନଙ୍କୁ ନେଇ ସ୍ଥାନୀୟ ଏମ୍‌ଭି- ୭ ଜଗନ୍ନାଥପାଲି ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷାଧିକାରୀ ହିମାଂଶୁ ସମରଥ, ଗଙ୍ଗାଧର ପଟ୍ଟନାୟକ, ଚିତରଞ୍ଜନ ପାଣ୍ଡେ, ଶଶିଭୂଷଣ ମିଶ୍ର, ପତିତପାବନ ଦାସ, ନୀତି ଆୟୋଗର ବିଶେଷଜ୍ଞ ରାଜ ଶେଖର ରେଡ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ବେବର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସମ୍ମିଳନୀରେ ରାଜ୍ୟ ସରକାରଙ୍କ ୫-ଟି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଦ୍ୟାଳୟ ମାନଙ୍କରେ ଭିତ୍ତିଭୂମିର ବିକାଶ ପାଇଁ ପ୍ରଧାନଶିକ୍ଷକମାନେ ଅଙ୍ଗୀକାରବଦ୍ଧ ହେବା ସହିତ ବିଦ୍ୟୁତ୍ ଦୁର୍ଘଟଣା ଏଡାଇବା, ଶୁଦ୍ଧ ପାନୀୟ ଜଳ ବନ୍ଦୋବସ୍ତ, ଅଗ୍ନିଶମ ବ୍ୟବସ୍ଥା ଦିଗରେ ପ୍ରଧାନଶିକ୍ଷକମାନଙ୍କ ସହଭାଗିତା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟତଃ ଗୁଣାତ୍ମକ ଶିକ୍ଷାର ବିକାଶ ସହ ଚଳିତ ମାଟ୍ରିକ ପରୀକ୍ଷାରେ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଯେପରି ଭଲ ପ୍ରଦର୍ଶନ କରିବେ, ମୋ ସରକାର, ମୋ ସ୍କୁଲ, ଏବଂ ରାମସାର ନିୟମାବଳୀ ସମ୍ପର୍କରେ ଆଲୋଚନା ହୋଇଥିଲା। କାଳିମେଳା, ମାଥିଲି, ଖଇରପୁଟ, ମାଲକାନଗିରି, ଚିତ୍ରକୋଣ୍ଡା, ପଡିଆ, କୋରୁକୋଣ୍ଡାର ୧୨୦ଟି ସରକାରୀ ବେସରକାରୀ ଓ ଆଡେଡ୍ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଯୋଗ ଦେଇଥିଲେ।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

# ଆଦିବାସୀଙ୍କ ନିଆରା ପର୍ବ 'ଟୋକିମରା'


ଟୋକିମରା ପର୍ବରେ ଲୋକଙ୍କ ଭିଡ଼।


ପୂଜାର୍ଚ୍ଚନା କରାଯାଉଛି।

**ରାୟଗଡ଼ା ଜିଲା**
- ବଳି ମାଂସକୁ ଜମିରେ ପୋତିଲେ ଭଲ ହୋଇଥାଏ ଫସଲ
- ପୋଡିଆଲ ଗ୍ରାମରେ ପାଳିତ ହେଲା ଏହି ପର୍ବ
- ପାରମ୍ପରିକ ବାଦ୍ୟ ବଜାଇ ସାହି ପରିକ୍ରମା କଲେ ଜାନି, ଦିଶାରିମାନେ

ଟିକିରି,୭।୧(ଡ଼ି.ଏନ.ଏ)

ରାୟଗଡା ଜିଲା କାଶୀପୁର ବ୍ଲକରେ ବସବାସ କରୁଥିବା ଆଦିବାସୀଙ୍କ ନିଆରା ଟୋକିମରା ପର୍ବ ପାଳିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ବ୍ଲକର ୪ଟି ସ୍ଥାନରେ ଏହି ପର୍ବ ଆୟୋଜିତ ହୋଇଥାଏ । ଚଳିତବର୍ଷ ଆଦିବାସୀମାନେ ଗୋଟିଏ ସ୍ଥାନରେ ଏହାକୁ ପାଳନ କରିଛନ୍ତି। ବିଭିନ୍ନ ଅଞ୍ଚଳରୁ ଆଦିବାସୀମାନେ ଆସି ଏଠାରେ ଏକତ୍ରିତ ହୋଇଥିଲେ। ଚନ୍ଦ୍ରଗିରି ପଞ୍ଚାୟତ ସୁରୁଗୁଞ୍ଜାର ପୋଡିଆଲ ଗ୍ରାମରେ ଏହାର ଆୟୋଜନ କରାଯାଇଥିଲା। ଉତ୍ସାହ ଓ ଧୁମ୍‌ଧାମ୍‌ରେ ଲୋକେ ଏହାକୁ ପାଳନ କରିଥିଲେ। ପରମ୍ପରା ଅନୁସାରେ ପ୍ରଥମେ ଧରଣୀ ପେନୁଙ୍କୁ ସ୍ଥାପନ କରାଯାଇଥିଲା। ପରେ ବଳି ଉଦ୍ଦେଶ୍ୟରେ ଅଣାଯାଇଥିବା ମେଣ୍ଢା ପେଟରେ ଛୁରି ଭୁସି ହତ୍ୟା କରାଯାଇଥିଲା। ବିଭିନ୍ନ ଗାଁରୁ ଆସିଥିବା ପାରମ୍ପରିକ ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ଉକ୍ତ ମେଣ୍ଢାକୁ କାଟି ଛୋଟ ଛୋଟ କରାଯାଇଥିଲା । ଏହି ମାଂସକୁ ଗାଁର ଜାନି ଓ ଦିଶାରିମାନେ ଧରି ଫେରିଥିଲେ। ବଳି ମାଂସକୁ ଜମିରେ ପୋତିଲେ ଫସଲ ଭଲ ହୋଇଥାଏ ବୋଲି ଏଠାକାର ଲୋକଙ୍କ ବିଶ୍ୱାସ ରହିଛି । ଲୋକକଥା ଅନୁସାରେ, ରାଜାରାଜୁଡା ଅମଳରୁ ଏଠାରେ ଏହି ପର୍ବ ପାଳିତ ହୋଇଆସୁଛି। ପୂର୍ବରୁ ଏଠାରେ ଏକ କୁଆଁରୀ କନ୍ୟାକୁ ବଳିଦେବା ବ୍ୟବସ୍ଥା ରହିଥିଲା। ପରେ ଏହି ପ୍ରଥାକୁ ବନ୍ଦ କରି ଦିଆଯାଇଥିଲା। ଏବେ କନ୍ୟା ସ୍ଥାନରେ ମେଣ୍ଢା ବଳି ଦିଆଯାଉଛି । ଗାଁର ଜାନି (ପୂଜକ)ଙ୍କ ଘରେ ପାଳିତ ମେଣ୍ଢାକୁ ଏଥିପାଇଁ ଚୟନ କରାଯାଇଥାଏ । ତେବେ ସରକାର ଦୃଷ୍ଟିରୁ ଦୂରେଇବାକୁ ଲୋକେ ବଳି ପାଇଁ ଉଦ୍ଦିଷ୍ଟ ମେଣ୍ଢା ମୁହଁରେ ମୁଖା ବାନ୍ଧି ଲୁଚାଇ ରଖିଥାନ୍ତି । ପରେ ଧରଣୀ ପେନୁ ପୂଜାରେ ବଳି ଦିଆଯାଇଥାଏ। ଅଞ୍ଚଳବାସୀ ଏହି ପର୍ବକୁ ବଡ ଉତ୍ସାହର ସହ ପାଳନ କରିଥାନ୍ତି। ଏହି ଅବସରରେ ଅଞ୍ଚଳବାସୀ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ପାହାଡ ଚଢିଥାନ୍ତି। ପାରମ୍ପରିକ ବାଦ୍ୟ ତାଳେ ଜାନି ଓ ଦିଶାରିମାନେ ଗାଁର ସାହି ପରିକ୍ରମା କରିଥାନ୍ତି । ସାହିର ପୂଜାରୀ ପୂଜାପାଠରେ ଅସ୍ତ୍ରଶସ୍ତ୍ର ରଖି ତା ଉପରେ ମେଣ୍ଢା କଟା ମୁଣ୍ଡକୁ ରଖାଯାଇଥାଏ । ପୂଜାପାଠ ପରେ ଗାଁର ପୁରୁଷମାନେ ବାଉଁଶବାଡି ଖେଳ ଖେଳିଥାନ୍ତି। ଏହି ଅବସରରେ ପ୍ରତି ସାହିରେ ବିଭିନ୍ନ ପ୍ରକାର ଦୋକାନ ଖୋଲାଯାଇଥାଏ । ଖାଦ୍ୟପଦାର୍ଥ ଖେଳନା ଆଦି ବିକ୍ରି କରାଯାଇଥାଏ । ସ୍ଥାନୀୟ ମାଣ୍ଡିବିଶି ପଞ୍ଚାୟତରେ ମଧ୍ୟ ଏହି ପର୍ବ ଆୟୋଜନ କରାଯାଇଥାଏ।

## ୫୦ ହଜାର ଟଙ୍କା ଝାମ୍ପି ନେଲେ ଦୁର୍ବୃତ୍ତ

ବିଷମକଟକ,୭।୧(ଡ଼ି.ଏନ.ଏ)

ରାୟଗଡା ଜିଲା ବିଷମକଟକ ସଦର ମହକୁମାରେ ଦୁର୍ବୃତ୍ତମାନେ ଚାଟିକୋଣା ନିୟମଗିରି ହାଇସ୍କୁଲର ପିଅନ ପଦ୍ମନ ବାଘଙ୍କଠାରୁ ୫୦ହଜାର ଟଙ୍କା ଝାମ୍ପି ନେଇଛନ୍ତି । ଏନେଇ ସେ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମଙ୍ଗଳବାର ପଦ୍ମନ ବିଷମକଟକ ଷ୍ଟେଟବ୍ୟାଙ୍କରୁ ୫୦ ହଜାର ଟଙ୍କା ଉଠାଇ ବାଇକ୍ ଯୋଗେ ନିଜ ଗାଁ ଚାଟିକୋଣା ଯାଉଥିଲେ । ବାଟରେ ସ୍ଥାନୀୟ ରାମ ମନ୍ଦିର ନିକଟରେ ୨ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଟଙ୍କା ବ୍ୟାଗ୍‌କୁ ଝାମ୍ପି ନେଇଥିଲେ। ପରେ ବିଷମକଟକ ଥାନାରେ ଅଭିଯୋଗ କରିଥିଲେ । ସେ ବ୍ୟାଙ୍କରୁ ଟଙ୍କା ଉଠାଣ କରୁଥିବା ବେଳେ ସଂପୃକ୍ତ ବ୍ୟକ୍ତିମାନେ ତାଙ୍କ ନିକଟରେ ଛିଡା ହୋଇଥିବା ସିସିଟିଭି ଫୁଟେଜରେ ପଦ୍ମନ ଚିହ୍ନଟ କରିଛନ୍ତି । ବିଷମକଟକ ପୋଲିସ ଅନ୍ୟ ଥାନାକୁ ସୂଚନା ଦେବା ସହ ବ୍ୟାଙ୍କର ସିସିଟିଭି ଫୁଟେଜ କୁ ସଂଗ୍ରହ କରି ଉକ୍ତ ଲୁଟେରାମାନଙ୍କୁ ଠାବ କରିବାକୁ ଚେଷ୍ଟା ଚଳାଇଛି ।

## ଇତିହାସ ବିଭାଗର ପାଠଚକ୍ର



ଛାତ୍ର ବିଶିକେଶନ ଶବର ସନ୍ଦର୍ଭ ପାଠ କରୁଛନ୍ତି।

ଗୁଣପୁର,୭।୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର କଲେଜ ଇତିହାସ ସମ୍ମାନ ବିଭାଗ ପକ୍ଷରୁ ଏକ ପାଠଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଲେଜ ଅଧ୍ୟକ୍ଷ ଡ.ବାମଦେବ ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଛାତ୍ରୀଛାତ୍ରଙ୍କ ବିକାଶରେ ସନ୍ଦର୍ଭ ପାଠ ଖୁବ ସହାୟକ ହୋଇଥାଏ ବୋଲି କହିଥିଲେ । ଇତିହାସ ବିଭାଗ ମୁଖ୍ୟ ଡ.ଜବାହାରଲାଲ ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପାଠଚକ୍ରର ଉପକାରିତା ଓ ଏହା କିପରି ବିଦ୍ୟାର୍ଥିକୁ ନିଜ ଭାବ ଆଦାନ ପ୍ରଦାନରେ ସହାୟକ ହୋଇଥାଏ ସେ ନେଇ କହିଥିଲେ । ପ୍ରତ୍ୟେକ ବିଦ୍ୟାର୍ଥୀ ଏଥିରେ ଭାଗ ନେଇ ନିଜର ଦକ୍ଷତା ପ୍ରତିପାଦନ କରିବାକୁ ପରାମର୍ଶ ଦେଇଥିଲେ। ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ବିଶିକେସନ ଶବର ସପ୍ତଦଶ ଶତାବ୍ଦୀରେ ୟୁରୋପୀୟ ସମ୍ପର୍କ କାଳ ଉପରେ ନିଜର ସନ୍ଦର୍ଭ ପାଠ କରିଥିଲେ। ଶେଷରେ ବିଭାଗୀୟ ଅଧ୍ୟାପକ ଅଜୟ ରୟତ ଧନ୍ୟବାଦ ଦେଇଥିଲେ। ତେଲମଣି ଶବର, ତେଜସ୍ୱିନୀ ଭୂୟାଁ, ବନବାସ ଶବର, ଶୈଳେସ ବିଡିକା, ଆଦର୍ଶ ପାଢୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଚୋରି ଘଟଣାରେ ୩ ଗିରଫ

**ରାୟଗଡା ଅଫିସ, ୭।୧:** ରାୟଗଡ଼ା ଟାଉନଥାନା ପୋଲିସ ଚୋରି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରବି ଶଙ୍କର ମହାନନ୍ଦିଆ(୩୦),କେ. ଅନିଲ କୁମାର (୩୦) ଓ ଏମ. ସନ୍ୟାସୀ ରାଜୁ(୪୪)। ପୋଲିସ ସେମାନଙ୍କଠାରୁ୨ ପ୍ଲେଟ, ୫ ଗିନା, ୩ ପୂଜା ପ୍ଲେଟ,୧୦ ଗ୍ଲାସ,୩ ଢାଳ ଜବତ କରିଛି । ଗତ ନଭେମ୍ବର ୧୫ ତାରିଖରେ ପି.ଗଣେଶ୍ୱର ରାଓଙ୍କ ଘରୁ ଦୁର୍ବୃତ୍ତମାନେ ୧୭ ଗ୍ରାମ ସୁନା, ୧,୬୦,୦୦୦ ଟଙ୍କା ଚୋରି କରି ନେଇଥିଲେ । ପୋଲିସ ଏ ନେଇ ଏକ ମାମଲା(ନଂ୪୧୯/୧୯) ରୁଜୁ କରି ତଦନ୍ତ ଚଳାଇଥିଲା ।

### ଜିଲା ପରିଷଦ ଅଧ୍ୟକ୍ଷ ଦାୟିତ୍ୱ ନେଲେ ବୀଣାପାଣି ସାହୁକାର



**ରାୟଗଡ଼ା ଅଫିସ, ୭।୧:** ଗତ ୨୪ ତାରିଖରେ ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷ ଡ଼. ପୁରୁଷୋତ୍ତମ ଗମାଙ୍ଗଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଉକ୍ତ ଦିନଠାରୁ ଏହି ପଦବୀ ଖାଲି ପଡ଼ିଥିଲା। ବର୍ତ୍ତମାନ ଜିଲା ପରିଷଦ ଉପ ସଭାପତି ବିଣାପାଣୀ ସାହୁକାରଙ୍କୁ ଜିଲା ପରିଷଦ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ଆଗାମୀ ଜିଲା ପରିଷଦ ଅଧ୍ୟକ୍ଷ ନେଇ ନିର୍ବାଚନର ବିଜ୍ଞପ୍ତି ପ୍ରକାଶ ପାଇବା ପର୍ଯ୍ୟନ୍ତ ବୀଣାପାଣି କାର୍ଯ୍ୟଭାର ଦାୟିତ୍ୱ ରେ ରହିବେ। ତାଙ୍କର ଯେଉଁ ଅଧୁରା କାର୍ଯ୍ୟ ରହିଛି ତାକୁ ପୂରା କରିବା ସହ ଗ୍ରାମାଞ୍ଚଳରେ ଶିକ୍ଷା , ସ୍ୱାସ୍ଥ୍ୟ, ପାନୀୟ ଜଳର ଉନ୍ନତି ଓ ବିକାଶ ନିମନ୍ତେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି । ଏହି ଅବସରରେ ଜିଲା ପରିଷଦ ସଦସ୍ୟ ଗଙ୍ଗାଧର ପୁଆଲା , ପି ଗୌରୀ , ବଳରାମ ମାଝି , ସାରଦା ସେନାପତି , ଚଞ୍ଚଳା ଶବର ପ୍ରମୁଖ ଉପସ୍ଥିତ ଥିଲେ।

### ଚାଲକମ୍ବାରେ ୫-ଟି କାର୍ଯ୍ୟକ୍ରମ

**ଗୁଣପୁର,୭।୧(ଡି.ଏନ୍.ଏ.):** ରାୟଗଡା ଜିଲା ଗୁଣପୁର ବ୍ଲକ ଚାଲକମ୍ବାରେ ସୋମବାର ୫-ଟି କାର୍ଯ୍ୟକ୍ରମରେ ଅଭିଯୋଗ ଶୁଣାଣି କରାଯାଇଛି। ବିଡିଓ ଶାନ୍ତିପ୍ରଭା ପ୍ରଧାନ, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ଯାନୀ, ଜିପିଇଓ ପତିତପାବନ ବିଶୋୟୀ ପ୍ରମୁଖ ଯୋଗଦେଇ ୬୯ଟି ଅଭିଯୋଗ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ଅଧିକାଂଶ ଭତ୍ତା ସମ୍ବନ୍ଧୀୟ ଅଭିଯୋଗ ରହିଥିଲା। କାର୍ଯ୍ୟକ୍ରମ ପରେ ଚାଲକମ୍ବା ପଞ୍ଚାୟତର ଦୁଇଟି ସ୍କୁଲ ଏବଂ ୩ଟି ଅଙ୍ଗନୱାଡି କେନ୍ଦ୍ରକୁ ଅଧିକାରୀମାନେ ପରିଦର୍ଶନ କରିଥିଲେ।

### ମା' କଣ୍ଟା ବାଉଁଶୁଣୀଙ୍କ ପୁଷ୍ ପୁନେଇଁ ପରବ

**ଦାମନଯୋଡ଼ି,୭।୧(ଡି.ଏନ୍.ଏ.):** ଆରାଧ୍ୟାଦେବୀ ମା' କଣ୍ଟାବାଉଁଶୁଣୀଙ୍କ ପୁଷ୍ ପୁନେଇଁ ପରବ ମଙ୍ଗଳବାର ପାଳିତ ହୋଇଛି। ମା'ଙ୍କ ବାପାଘର ଓ ଶାଶୁଘର ଥିବା ଗାଁ ସିନ୍ଧିପାର ସମେତ କଣ୍ଟାଗୁଡ଼ା, ଗାଦିପାବଲି ଓ ଡୁମୁରିଗୁଡ଼ାର ଗ୍ରାମବାସୀ ସକାଳୁ ମା'ଙ୍କ ପୀଠ ସଫେଇ କରିଥିଲେ। ମଧ୍ୟାହ୍ନରେ ମା'ଙ୍କ ପିତୁଳା, ଅସ୍ତ୍ର ଖକୋଟି ଓ ଗୋଠଖଣ୍ଡିଙ୍କୁ ପଦାକୁ ଅଣାଯାଇଥିଲା। ମା'ଙ୍କୁ ସ୍ୱତନ୍ତ୍ର ପୋଖରୀରେ ସ୍ନାନ କରାଯାଇ ନାଭିକୁଣ୍ଡ (ମା'ଙ୍କ ଜନ୍ମସ୍ଥାନ)ରେ ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ ମା'ଙ୍କ ପାଟଖଣ୍ଡାଙ୍କୁ ତାଙ୍କ ବାପାଙ୍କ ଘରୁ ଶୋଭାଯାତ୍ରାରେ ଅଣାଯିବା ପରେ ପୂଜାନୀତି ହୋଇଥିଲା। ପାରମ୍ପରିକ ବାଜା, ମହୁରି, ନାଚଗୀତରେ ମା'ଙ୍କ ପୀଠ ପ୍ରକମ୍ପିତ ହୋଇଥିଲା। ମୁଖ୍ୟ ପୁରୋଧା ରାମ ମୁଦୁଲି ପୂଜାନୀତି କରିଥିଲେ। ମା'ଙ୍କ ପୌଷପର୍ବ ପାଇଁ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା ହୋଇଥିଲା। ମା' କଣ୍ଟାବାଉଁଶୁଣୀ ସେବାୟତ ମଣ୍ଡଳୀର ସଭାପତି ସୁକାନ୍ତ ଦାସ, ସମ୍ପାଦକ କୃତ୍ତିବାସ ରାଜୁ, ସାଙ୍ଗଠନିକ ସମ୍ପାଦକ ଲୋକନାଥ କୁଲଦୀପ, ଆର୍.ଏନ୍. ମୁଦୁଲି, ଖଦାଳ ନାୟକ, ମହେନ୍ଦ୍ର ଖଟୁଆ, ଧନୁର୍ଜୟ ଦାମୀ, ସଦା ଦାମୀ ଉପସ୍ଥିତ ଥିଲେ।

## ଚାଷୀଙ୍କ ସମସ୍ୟା ବୁଝିଲେ ଉପଜିଲାପାଳ

ଗୁଣପୁର,୭।୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ମଙ୍ଗଳବାର ପଦ୍ମପୁର ଅଞ୍ଚଳର ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ କରିଛନ୍ତି । ଧାନ ମଣ୍ଡିରୁ ଧାନ ଉଠୁ ନ ଥିବା ଏବଂ ମିଲର୍ସଗୁଡିକ ଧାନ ନ ଉଠାଇବା ଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ମଙ୍ଗଳବାର ଉପଜିଲାପାଳ ମଣ୍ଡିଗୁଡିକ ପରିଦର୍ଶନ କରି ଚାଷୀଙ୍କ ସମସ୍ୟା ପଚାରି ବୁଝିଥିଲେ । ସମସ୍ୟା ଶୁଣିବା ପରେ ଜିଲାଯୋଗାଣ ଅଧିକାରୀଙ୍କ ସହ ଯୋଗାଯୋଗ କରି ନିୟମିତ ଧାନ ଉଠାଇବା ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୟରେ ଆରଏମସି ସମ୍ପାଦକ ବିନୋଦ ବିହାରୀ ପ୍ରଧାନଙ୍କ ସମେତ ପଦ୍ମପୁର ଲ୍ୟାମ୍ପର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ଥିଲେ । ପଦ୍ମପୁର ଅଞ୍ଚଳରେ ପ୍ରଚୁର ପରିମାଣରେ ଧାନ ସଂଗ୍ରହ ହୋଇଥିବାବେଳେ ମଣ୍ଡିରୁ ଧାନ ଉଠା ହେଉ ନ ଥିବା ଯୋଗୁଁ ଶହଶହ ଧାନ ବସ୍ତା ପଡି ରହିଛି । ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।


ଚାଷୀଙ୍କ ସହ ଉପଜିଲାପାଳ ଆଲୋଚନା କରୁଛନ୍ତି।

**■ ଗୁଡ଼ାରୀ ଏନଏସିରେ ଦୁର୍ନୀତି ଅଭିଯୋଗ**

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲ ଗ୍ରାମବାସୀ

ରାୟଗଡ଼ା ଅଫିସ,୭।୧

ଗୁଡ଼ାରୀ ବ୍ଲକର ଏନଏସିରେ ଦୁର୍ନୀତି ହେଉଥିବା ଅଭିଯୋଗ କରି ସ୍ଥାନୀୟ ଗ୍ରାମବାସୀ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ସୋମବାର ଗ୍ରାମବାସୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏକ ପତ୍ର ମାଧ୍ୟମରେ ଜିଲାପାଳଙ୍କୁ ଅବଗତ କରିଛନ୍ତି। ଗୁଡ଼ାରୀ ଏନଏସିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜାଲିଆତି, ଅଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନା ପ୍ରଦାନ ଓ ଲାଞ୍ଚ କାରବାର ଚାଲିଥିବା ନେଇ ଅଭିଯୋଗ କରିଥିଲେ। ପିଡ଼ି ଅମ୍ରିତ ରତୁରାଜ ଉକ୍ତ ପତ୍ରଟିକୁ ଗ୍ରହଣ କରି ୭ ଦିନ ମଧ୍ୟରେ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଲୋକଙ୍କ ପକ୍କା ଘର ଥାଇ ବି ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଉଛି, ତାହାର ତଦନ୍ତ ହେଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

## ଓଏଏସ୍ ପାଇଲେ ବିଷମକଟକର ଦୁଇ ଆଦିବାସୀ ଯୁବକ

ବିଷମକଟକ, ୭।୧ (ଡି.ଏନ୍.ଏ.)




ସୋମବାର ଓଏଏସ୍ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ରାୟଗଡ଼ା ଜିଲା ବିଷମକଟକ ବ୍ଲକର ରଞ୍ଜନ ଉଲାକା ଓ ରାଜୁ ସାରକା ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ରଞ୍ଜନଙ୍କ ର୍‌ୟାଙ୍କ ୧୯୧ ଓ ରାଜୁଙ୍କ ର୍‌ୟାଙ୍କ ୨୦୦ ରହିଛି। ରଞ୍ଜନ ବିଷମକଟକ ନ୍ୟୁଲାଇଫ ଇଂରାଜୀ ବିଦ୍ୟାଳୟରେ ପାଠପଢା ଆରମ୍ଭ କରିଥିଲେ। ସେ ୨୦୧୦ରେ ମାଟ୍ରିକ ପାସ୍ କରିଥିଲେ। ୨୦୧୨ରେ ଭୁବନେଶ୍ୱର ବିଜେବି ଜୁନିୟର କଲେଜରୁ +୨, ୨୦୧୭ରେ କେଉଁଝରସ୍ଥିତ ବିଟେକ୍ ସରକାରୀ ମହାବିଦ୍ୟାଳୟରୁ ଇଞ୍ଜିନିୟରିଂ ପାସ୍ କରିଥିଲେ। ପରେ ସେ ରାଉରକେଲା ଉତ୍କଳମଣି ଗୋପବନ୍ଧୁ ଇଞ୍ଜିନିୟରିଙ୍ଗ କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ। ଆଦିବାସୀଙ୍କ ପ୍ରାଥମିକ ଶିକ୍ଷାର ଉନ୍ନତି ଦିଗରେ ଗୁରୁତ୍ୱ ଦେବି, ଫଳରେ ସେମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆସିବ ବୋଲି ରଞ୍ଜନ କହିଛନ୍ତି। ସେହିପରି ବିଷମକଟକ ବ୍ଲକ ଡୁକୁମ୍ ପଞ୍ଚାୟତ ଯୁଗାପଦର ଗ୍ରାମର ରାଜୁ ସାରକା ୧୯୯୯ରେ ରାୟଗଡା ଜିସିଡି ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ କରିଥିଲେ। ରାୟଗଡା ସରକାରୀ ମହାବିଦ୍ୟାଳୟରୁ ସେ ଯୁକ୍ତ ଦୁଇ ଏବଂ ଯୁକ୍ତ ତିନି ଶିକ୍ଷା ଗ୍ରହଣ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ସ୍ନାତକୋତ୍ତର ଶେଷ କରିଥିଲେ। ୨୦୦୭ରେ ସେ ଅତିରିକ୍ତ ଷ୍ଟେସନ ମାଷ୍ଟର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୦୯ରେ ଉକ୍ତ ଚାକିରି ଛାଡି ଅତିରିକ୍ତ ବାଣିଜ୍ୟକର ଅଧିକାରୀ ଭାବେ ଚାକିରିରେ ଯୋଗ ଦେଇଥିଲେ। ୨୦୧୭ରେ ସଚିବାଳୟରେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍ଓ) ଭାବେ କାର୍ଯ୍ୟ କରୁଥିଲେ।

**■ ପଞ୍ଜୀକରଣରୁ ଚାଷୀ ବଞ୍ଚିତ**

## ଦଲାଲଙ୍କ ହାତକୁ ଟେକୁଛନ୍ତି ଧାନ

ବିଷମକଟକ,୭।୧(ଡ଼ି.ଏନ.ଏ)

ଚାଷୀଙ୍କଠାରୁ ଧାନ କିଣିବା ପାଇଁ ସରକାର ମଣ୍ଡି ଖୋଲିଛନ୍ତି । ହେଲେ ପ୍ରତ୍ୟେକ ବର୍ଷ ସରକାର ଧାନ ବିକ୍ରୟ ନିମନ୍ତେ ନିୟମରେ ପରିବର୍ତ୍ତନ କରୁଛନ୍ତି। ଏହି ପରିବର୍ତ୍ତନଶୀଳ ନିୟମ ଭିତରେ ଚାଷୀ ଅଣନିଶ୍ୱାସୀ ହୋଇଯାଉଛନ୍ତି। ଶେଷରେ ଚାଷୀ ତାର କଷ୍ଟ ଉପାର୍ଜିତ ଧାନକୁ ଦଲାଲ ହାତକୁ ଟେକି ଦେବାକୁ ବାଧ୍ୟ ହେଉଛନ୍ତି । ଦଲାଲ କିନ୍ତୁ ସରକାରଙ୍କ ନିୟମର ଗଳା ବାଟି କାଢି ନିଜର ଏବଂ ସମ୍ପର୍କୀୟଙ୍କ ନାମକୁ ପଞ୍ଜୀକରଣ କରି ରାଜ୍ୟ ରାଜକୋଷକୁ ଖାଲି କରୁଛନ୍ତି । ଏହି ଦଲାଲଗିରି ମଧ୍ୟରେ ଅସାଧୁ ମିଲ ମାଲିକଙ୍କ ପ୍ରଛଦ ହାତ ରହୁଥିବା ଜଣାଯାଇଛି। ଚାଷୀ ପଞ୍ଜୀକରଣ ବ୍ୟବସ୍ଥାରେ ପ୍ରକୃତ ଚାଷୀ ପରିବର୍ତ୍ତେ ନକଲି ଚାଷୀଙ୍କ ଜମି ପଞ୍ଜୀକୃତ ହୋଇଛି । ଯେଉଁମାନଙ୍କ ନାମ ପଞ୍ଜୀକୃତ ହୋଇଛି ସେଥିରୁ ଅଧିକାଂଶ ଚାଷ କଣ ଜାଣନ୍ତି ନାହିଁ । ଅସାଧୁ ମିଲରଙ୍କ ଚଞ୍ଚକତା ଯୋଗୁ ପ୍ରକୃତ ଚାଷୀ ତାର ଜମି ପଞ୍ଜୀକୃତ କରିପାରି ନାହାନ୍ତି। ଏମିତି କି ନିଜର କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିପାରୁନାହାନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ରାୟଗଡା ଜିଲା ବିଷମକଟକ ଲ୍ୟାମ୍ପସ୍‌ରେ ।

ଚଳିତ ବର୍ଷ ଧାନ କ୍ରୟ କରିବା ନିମନ୍ତେ ଏଠାରେ ଗତ ସେପ୍ଟେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ କରାଯାଇଥିଲା। ଚାଷୀ ପଞ୍ଜୀକରଣ ନିମନ୍ତେ ଆବଶ୍ୟକ ନଥିପତ୍ର ଲ୍ୟାମ୍ପସ୍‌ରେ ଦାଖଲ କରିଥିଲେ ମଧ୍ୟ ପଞ୍ଜୀକରଣ କରିପାରି ନାହାନ୍ତି। କିନ୍ତୁ ବ୍ଲକର କିଛି ଅସାଧୁ ମିଲମାଲିକ ଲ୍ୟାମ୍ପସ୍ କର୍ମଚାରୀଙ୍କୁ ହାତ କରି ସେମାନଙ୍କ ପରିବାର ସଦସ୍ୟ, ସମ୍ପର୍କୀୟଙ୍କ ନାମରେ ଶହ ଶହ ଏକର ଜମି ପଞ୍ଜୀକୃତ କରିଛନ୍ତି । ବିଷମକଟକର ଚାଷୀ ସନ୍ତୋଷ କୁମାର ପଣ୍ଡା ଚଳିତ ବର୍ଷ ମଣ୍ଡିକୁ ଧାନ ବିକ୍ରୟ ପାଇଁ ଯାଇଥିଲେ । ତାଙ୍କର ମୋଟ ୬୮.୫୦ କୁଇଣ୍ଟାଲ ଧାନ ବିକ୍ରୟ ନିମନ୍ତେ ଟୋକନ ଆସିଥିଲା । ଏତେ କମ୍ ସଂଖ୍ୟକ ଧାନ ବିକ୍ରୟ ନିମନ୍ତେ ଅନୁମତି କେମିତି ମିଳିଲା ତାହା ଜାଣି ପାରି ନ ଥିଲେ । ପରେ ତାଙ୍କର ପଞ୍ଜୀକରଣ ନିମନ୍ତେ ଦିଆଯାଇଥିବା ଜମିର ପରିମାଣ ପଞ୍ଜୀକୃତ ହୋଇ ନ ଥିବା ଜାଣିବାକୁ ପାଇଥିଲେ । ପରବର୍ତ୍ତୀ ସମୟରେ ଦୁର୍ଗା ମାଣିକେଶ୍ୱରୀ ମର୍ଡନ୍ ରାଇସ୍ ମିଲ ମାଲିକ ନଳିନିକାନ୍ତ ପାଲଙ୍କ ସ୍ତ୍ରୀ ଗୌତିମୀ ପାଲଙ୍କ ନାମରେ ଡୁମୁରିନେଳି ମୌଜାର ଖାତା ନଂ.୬/୧୩ ପ୍ଲଟ ନଂ.୬୩ ରେ ରହିଥିବା ୭ଏକର ଜମିକୁ କୁ ପଞ୍ଜୀକୃତ କରି ଧାନ ବିକ୍ରୟ କରିଥିବା ଜାଣିବାକୁ ପାଇଥିଲେ । ଉକ୍ତ ଜମି ସଂପୃକ୍ତ ମହିଳା ଙ୍କ ନାମରେ ପଞ୍ଜୀକରଣ କରିବା ନିମନ୍ତେ ଜମି ମାଲିକ କୌଣସି ସିକୃତି ପ୍ରଦାନ କରି ନାହାନ୍ତି । ପଞ୍ଜୀକରଣ କିପରି ହେଲା ଏବଂ ଏହି ଜମି କୁ ଦର୍ଶାଇ ଧାନ କିପରି ବିକ୍ରି କରାଗଲା ତାହା ଜଣାପଡ଼ିନାହିଁ । ଏହି ପଞ୍ଜୀକରଣ ପ୍ରକ୍ରିୟା ବିଭାଗୀୟ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ନେଇ ଅଭିଯୋଗ ମଧ୍ୟ ଆଣିଛନ୍ତି । ଯଦ୍ୱାରା ପ୍ରକୃତ ଜମି ମାଲିକ ନିଜର ଜମି ନିଜ ନାମରେ ପଞ୍ଜିକୃତ କରିପାରିନାହାନ୍ତି । ବର୍ତ୍ତମାନ ସୁଦ୍ଧା ନିଜର ଅମଳ ଧାନକୁ ଖଳାରେ ରଖିଛନ୍ତି ଚାଷୀ । ଅସାଧୁ ମିଲ ମାଲିକଙ୍କ ପରିବାର ସଦସ୍ୟ ଏବଂ ସମ୍ପର୍କୀୟଙ୍କ ନାମରେ ହୋଇଥିବା ପଞ୍ଜୀକରଣଗୁଡିକର ନିରପେକ୍ଷ ତଦନ୍ତ କରିବା ପାଇଁ ଦାବି ହୋଇଛି । ଏନେଇ ଲ୍ୟାମ୍ପ ଏମ୍.ଡି. ଶିବଶଙ୍କର ପଣ୍ଡୁ ସାହୁଙ୍କୁ ପଚାରିବାରୁ, ପଞ୍ଜୀକରଣ ପ୍ରକ୍ରିୟାରେ ସମସ୍ୟା ରହିଥିବା କଥାକୁ ସ୍ୱିକାର କରିଛନ୍ତି । ଏଥିସହ ଧାନ କ୍ରୟ ସମୟରେ ଟୋକନରେ ଜମି ସମ୍ବନ୍ଧୀୟ କୌଣସି ସୁଚନା ନ ରହୁଥିବାରୁ କିଏ କାହାର ଜମି ଚାଷ କରୁଛି ତାହା ଜାଣିବା ସମ୍ଭବ ହୋଇପାରୁନାହିଁ । ବର୍ତ୍ତମାନ ସୁଦ୍ଧା ୪୦୩ ଜଣ ଚାଷୀଙ୍କ ଠାରୁ ୪୭୫୧୦ କୁଇଣ୍ଟାଲ ଧାନ କ୍ରୟ କାରି ସଂସ୍ଥା ଙ୍କ ଦ୍ୱାରା କ୍ରୟ କରାଯାଇଛି ।



ଆଲୋଚନାଚକ୍ରରେ ଅତିଥିମାନେ।

## ଜାତୀୟ ଶିକ୍ଷା ନୀତି ଖସଡ଼ା ଶୀର୍ଷକ ଆଲୋଚନାଚକ୍ର

ପାରଳାଖେମୁଣ୍ଡି, ୭।୧ (ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧକ୍ଷା ଗାୟତ୍ରୀଦେବୀଙ୍କ ସଭାପତିତ୍ୱରେ 'ଜାତୀୟ ଶିକ୍ଷା ନୀତି ଖସଡା-୨୦୧୯' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ଡ.ସ୍ନେହ ପ୍ରଭା ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ଡ.ଜିତେନ୍ଦ୍ରନାଥ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆମନ୍ତ୍ରିତ ଅତିଥିଭାବେ ଯୋଗ ଦେଇଥିବା ଅବସର ପ୍ରାପ୍ତ ପ୍ରଧାପକ ଡ.ରଂଜିତ କୁମାର ପତି ଜାତୀୟ ଶିକ୍ଷାନୀତି ଖସଡା ଓ ତାର ଉତ୍କର୍ଷତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ନୂଆଦିଲ୍ଲୀ ଜବହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ସମାଜ ଶାସ୍ତ୍ର ବିଭାଗ ସହାୟକ ପ୍ରଧାପକ ପ୍ରଦୀପ କୁମାର ଚୌଧୁରୀ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ସେ ଜାତୀୟ ଶିକ୍ଷାନୀତିର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟର ପ୍ରଧାପକ ଡ.ପ୍ରଜ୍ଞା ପାଣି, ଡ.ବିଘ୍ନେଶ୍ୱର ମିଶ୍ର, ଡ. ସନ୍ଦୀପନି ବାନାର୍ଜୀ, ଅଧାପକ ବୈଲଚନ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଆଲୋଚନାଚକ୍ରକୁ ଡ. ଭଜମନ ବେହେରା ସଂଯୋଜନା କରିଥିଲେ। ଅଧାପକ ଡ.ଚନ୍ଦ୍ରଶେଖର ଦାସ ଧନ୍ୟବାଦ ଦେଇଥିଲେ।